# ସମନ୍ୱୟ ହସ୍ତତନ୍ତ ଉନ୍ନୟନ ପ୍ରକଳ୍ପ (ଆଇ.ଏଚ୍.ଡି.ଏସ୍)

୧. ହସ୍ତତନ୍ତ ଭାରତର ଦ୍ୱିତୀୟ ବୃହତ୍ତ କର୍ମସଂସ୍ଥାନ କ୍ଷେତ୍ର ଯାହାକି ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ୬୫ ଲକ୍ଷ ଲୋକଙ୍କୁ କର୍ମ ସଂସ୍ଥାନ ପ୍ରଦାନ କରିଛି । ଏହି ବିଭାଗ ବୁଣାକାରଙ୍କ ପ୍ରସ୍ତୁତ ହସ୍ତତନ୍ତ କୌଶଳ ଯାହାକି ଭାରତର ପୁରାତନ ସଂସ୍କୃତି, ସଭ୍ୟତା ପରମ୍ପରା ର ପରିଚୟ ଦେଇଥାଏ । ଭାରତ ସରକାର ବିଭିନ୍ନ ଯୋଜନା ଓ କାର୍ଯ୍ୟାବଳୀ ମାଧମରେ ହସ୍ତତନ୍ତ ବୁଣାକାରଙ୍କ ବିକାଶ ଓ ଉନ୍ନତି ପାଇଁ ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି । ଏଥିପାଇଁ ନବମ ଓ ଦଶମ ଯୋଜନାକାଳରେ ହସ୍ତତନ୍ତ ବିଭାଗ ଅଧିନରେ ଥିବା ସଂସ୍ଥା ଏବଂ ସମବାୟ ସମିତି ମାଧମରେ ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲା । ଉଭୟ ଜାତୀୟ ଆନ୍ତର୍ଜାତୀୟ ବଜାରରେ ବସ୍ତ୍ର କାରବାର ବୃଦ୍ଧିପାଇଁ ହେତୁ ଏବଂ ଏହା ସହିତ ମୁକ୍ତ ବାଣିଜ୍ୟର ବାତାବରଣ ବିଶେଷ କରି ଏମ୍ ଏଫ୍.ଏ ସୃଷ୍ଟ ପରିବେଶ ତିଆରି ହୋଇଥିଲା । ଯାହାଫଳରେ ଏହା ଅନୁଭବ କରାଯାଇଥିଲା କି ଏକ ନମ୍ର ଓ ସଂକଳ୍ପବାଦୀ ପ୍ରସ୍ତାବିତ ନିୟମ ମାଧମରେ ହସ୍ତତନ୍ତ ବୁଣାକାର ମାନଙ୍କ ସମ୍ମୁଖରେ ଉପୁଜିଥିବା ବିଭିନ୍ନ ସମସ୍ୟାକୁ ସମାଧାନ କରାଇବ ଯାହାକି ବିଶ୍ୱକରଣ ପରିବେଶକୁ ସମ୍ମୁଖିନ ହୋଇ ପାରିବ । ଆହୁରି ମଧ ଏହା ଅନୁଭବ କରାଯାଇଥିଲା ବୁଣାକାରମାନଙ୍କୁ କ୍ଷମତା ଅର୍ପଣ କରି ସେମାନଙ୍କର ସବୁଦିନ ବଞ୍ଚି ରହିବାର ମାଧମକୁ ସମୟାନୁସାରେ ବଜାର ଉପଯୋଗୀ କରାଇବା । ବାଣିଜ୍ୟ ଜନିତ ସମସ୍ୟାର ସମାଧାନ ପାଇଁ ଇଣ୍ଟିଗ୍ରେଟେଡ୍ ହ୍ୟାଣ୍ଡଲୁମ ଡେଭ୍ଲୋପମେଣ୍ଟ ସ୍କିମ ବା ସମନ୍ୱିତ ହସ୍ତତନ୍ତ ଉନ୍ନୟନ ପ୍ରକଳ୍ପ ଏକ ଉଦ୍ୟମ ଯାହାଦ୍ୱାରା ହସ୍ତତନ୍ତ ପଞ୍ଜିକୃତ ଅଞ୍ଚଳମାନଙ୍କର ସମସ୍ୟାକୁ ବିଚାର କରି ବୁଣାକାରମାନେ ହିଁ ସେମାନଙ୍କର ସାମାଜିକ ଓ ଆର୍ଥିକ ସମସ୍ୟା ନିଜେ ଦୂର କରାଯାଇ ପାରିବ ।

୨. ଇଣ୍ଟିଗ୍ରେଟଡ୍ ହ୍ୟାଣ୍ଡଲୁମ ଡେଭ୍ଲୋପମେଣ୍ଟ ସ୍କିମ (ଯାହାକି ଏକ କେନ୍ଦ୍ରୀୟ ପ୍ରଯୋଜିତ ଯୋଜନା)-

ଦଶମ ଯୋଜନାରେ ଥିବା ୪ ଟି ଯୋଜନା ଯଥା :- ଦିନ୍ ଦୟାଲ ହସ୍ତତନ୍ତ ପ୍ରୋତ୍ସାହନ ଯୋଜନା (ଡି.ଡି.ଏଚ.ପି.ଆଇ) ଏବଂ ହସ୍ତତନ୍ତ ଗୋଷ୍ଠୀ ଉନ୍ନୟନ ଯୋଜନା (ଆଇ.ଏଚ୍.ସିଡି ) ଘର ଏବଂ କର୍ମଶାଳ ଯୋଜନାର ସମିଶ୍ରଣରେ ଏହି ସମନ୍ୱିତ ହସ୍ତତନ୍ତ ଉନ୍ନୟନ ଯୋଜନାଟି (ଆଇ.ଏଚ୍.ଡି.ଏସ୍) ଏକାଦଶ ଯୋଜନାରେ ପ୍ରସ୍ତୁତ କରାଯାଇଅଛି, ଯାହାକି ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ପ୍ରଯୋଜିତ । ଏହା ଉପରୋକ୍ତ ୪ଟି ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମମାନଙ୍କୁ ନିଆଯାଇପ୍ରସ୍ତୁତ କରାଯାଇଅଛି ।

## ୩. ଯୋଜନାର ଅଂଶ ବିଶେଷ :

ଉକ୍ତ ଯୋଜନାକୁ ୪ ଭାଗରେ ବିଭକ୍ତ କରାଯାଇଛି ।

| ଆଇ.ଏଚ୍.ଡି.ଏସ୍ ର ଅଂଶବିଶେଷ | ଯୋଜନା ଭିତରେ ଆର୍ଥିକ ସାହାଯ୍ୟ ପାଇବା ପାଇଁ ସାମର୍ଥ୍ୟ |
|---|---|
| କ) ପଞ୍ଜିକୃତ ଅଞ୍ଚଳ ଯେଉଁଠାରେ ୩୦୦ ରୁ ୫୦୦ ତନ୍ତଥିବା | କ) ଆଧାର ସର୍ଭେକ୍ଷଣ, ତର୍ଜମା ଏବଂ ନିରକ୍ଷତା ସ୍ୱୟଂ - ସହାୟକ ଗୋଷ୍ଠୀଗଠନ ।<br>ଖ) କନ୍ସୋଟିୟମ ଗଠନ<br>ଗ) ସୂତା ଗୋଦାମ ସଂସ୍ଥାପନା ପାଇଁ ପାଣ୍ଠି । |

| | | |
|---|---|---|
| | | ଘ) ଡିଜାଇନ୍ ବା ନିକ୍ସାର ଉନ୍ନତି କରଣ ଓ ଉତ୍ପାଦିତ ଦ୍ରବ୍ୟର ବିବିଧତା ସୃଷ୍ଟୀକରଣ |
| | | ଙ) ସାଧାରଣ ସୁବିଧା ଗୃହ, ରଙ୍ଗ ପ୍ରସ୍ତୁତ କେନ୍ଦ୍ର ସ୍ଥାପନ। |
| | | ଚ) ପ୍ରଚାର ଓ ପ୍ରସାରଣ, ବଜାରୀକରଣ |
| | | ଛ) ପରିଯୋଜନା ସଂଚାଳନଗତ ଖର୍ଚ୍ଚ |
| | | ଜ) ତନ୍ତ, ସରଞ୍ଜାମ ଓ ମୌଳିକ ସୁବିଧା |
| | | ଝ) ଦକ୍ଷତାର ନବିକରଣ |
| | | ଞ) କର୍ମଶାଳାର ସ୍ଥାପନି କରଣ |
| ଖ) | ପଞ୍ଜିକୃତ ଅଞ୍ଚଳ ବାହାରେ ଗୋଷ୍ଠୀବଦ୍ଧତା ପରିଯୋଜନା ପ୍ରଣୟନ କରିବା | କ) ତନ୍ତ ସରଞ୍ଜାମ ଓ ମୌଳିକ ସୁବିଧା<br>ଖ) କର୍ମଶାଳାର ସ୍ଥାପନ<br>ଗ) ଦକ୍ଷତାର ନବିକରଣ |
| ଗ) | ହସ୍ତତନ୍ତ ସଂଗଠନକୁ ସାହାର୍ଯ୍ୟ | କ) ବଜାରଜନୀତ ପ୍ରୋତ୍ସାହନ<br>ଖ) ହସ୍ତତନ୍ତ ସଂସ୍ଥା ଗୁଡିକର ଦକ୍ଷତା ବୃଦ୍ଧିକରାଇବା। |
| ଘ) | ଅନ୍ୟାନ୍ୟ | କ) ନୂତନ ଚିନ୍ତାଧାରାର ଅଭିବୃଦ୍ଧି<br>ଖ) ପ୍ରଚାର ପର୍ଯ୍ୟବେକ୍ଷଣ ପ୍ରଶିକ୍ଷଣ ଏବଂ ଯୋଜନାର ମୂଲ୍ୟାଙ୍କନ କରାଇବା ଇତ୍ୟାଦି । |

## ୪) ଯୋଜନାର ଉଦ୍ଦେଶ୍ୟ :

କ) ହସ୍ତତନ୍ତ ପଞ୍ଜିକୃତ ଅଞ୍ଚଳରେ ଉତ୍ପାଦନ କରୁଥିବା ବ୍ୟକ୍ତିମାନଙ୍କୁ ଗୋଷ୍ଠୀବଦ୍ଧ କରାଇବା।

ଖ) ଏହି ହସ୍ତତନ୍ତ ବୁଣାକାର ଗୋଷ୍ଠୀ ଆତ୍ମ ନିର୍ଭରଶୀଳ ହେବାରେ ସାହାର୍ଯ୍ୟ କରିବା ।

ଗ) ଏହା ଏକ ସହଯୋଗୀ ଯୋଜନା ଯେଉଁଥିରେ ସମବାୟ ସମିତି ଭିତରେ ଓ ବାହାରେ ଥିବା ବୁଣାକାରମାନଙ୍କୁ ନେଇ କାର୍ଯ୍ୟ କରିବା ।

ଘ) ବୁଣାକାରମାନଙ୍କର ଦକ୍ଷତାକୁ ନବୀକରଣ କରାଇ ବଜାର ଜନିତ ଗୁଣବତା ଦ୍ରବ୍ୟ ତିଆରି କରାଇବା ।

ଙ) ବୁଣାକାରମାନଙ୍କୁ ଏକ ସଠିକ୍ ସ୍ଥାନ ଯୋଗାଇଦେବା ଯେଉଁଠି ବୁଣାକାରମାନେ ଗୁଣବତା ଦ୍ରବ୍ୟ ତିଆରି କରିପାରିବେ।

ଚ) ପେସାଦାର ଡିଜାଇନର ଏବଂ ଔଦିଗିକମାନଙ୍କୁ ନେଇ ବଜାର ପ୍ରୋତ୍ସାହନ ଉତ୍ପାଦନ ବସ୍ତୁର ଯୋଗ୍ୟ ପରିଚାଳନା ।

ଛ) ଅର୍ଥ ଲଗାଣକାରୀ ସଂସ୍ଥା ମାନଙ୍କଠାରୁ ବୁଣାକାରମାନଙ୍କୁ ସହଜ ଉପାୟରେ ଋଣ ଯୋଗାଇ ଦେବା ।

ଜ) ବୁଣାକାରମାନଙ୍କୁ ସମବାୟ ସହଯୋଗୀ ମାଧମରେ କାର୍ଯ୍ୟପାଇଁ ଉତ୍ସାହ ଯୋଗାଇବା ।

ଝ) ନମନୀୟତା ଏବଂ ଯୁକ୍ତିଯୁକ୍ତ ଆଚରଣ ଓ ନିୟମାବଳୀ ଭିତରେ ପଞ୍ଜିକୃତ ଅଞ୍ଚଳରେ ଉନ୍ନତି କରାଇବା ।

# ଅଂଶ (କ)

କ)　୩୦୦ ରୁ ୫୦୦ ହସ୍ତତନ୍ତ ଥିବା ପଞ୍ଜିକୃତ ଅଞ୍ଚଳର ଉନ୍ନତି ନିମନ୍ତେ ସମନ୍ୱିତ ଉନ୍ନୟନ ଯୋଜନା ।

ପଞ୍ଜିକୃତ ଅଞ୍ଚଳର ରହୁଥିବା ବୁଣାକାରମାନଙ୍କୁ ସ୍ୱୟଂ ନିର୍ଭରଶୀଳ କରାଇବାପାଇଁ ଏହି ସମନ୍ୱିତ ହସ୍ତତନ୍ତ ଉନ୍ନୟନ  ଅଞ୍ଚଳ ଉନ୍ନତି କାର୍ଯ୍ୟକ୍ରମ ହାତକୁ ନିଆଯାଇଅଛି । ଏକାଦଶ ଯୋଜନା କାଳରେ ସର୍ବମୋଟ ୬୨୫ଟି ପଞ୍ଜିକୃତ ଅଞ୍ଚଳ ନିର୍ଦ୍ଦିଷ୍ଟ କରାଯାଇଛି, ଯେଉଁଥିରେ କି ଗୋଟିଏ ପଞ୍ଜିକୃତ ଅଞ୍ଚଳରେ ଅତିକମ୍‌ରେ ୩୦୦ ରୁ ୫୦୦ ହସ୍ତତନ୍ତ ଅନ୍ତର୍ଭୁକ୍ତ କରାଯାଇଛି । ୨୦୦୬ ଓ ୨୦୦୭ ମସିହା ବିଜେଟରେ ନିଆଯାଇଥିା ୧୦୦ଟି ପଞ୍ଜିକୃତ ଅଞ୍ଚଳର ସର୍ଭେ ସରିଯାଇଛି ।

**କ-୧.　<u>ପଞ୍ଜିକୃତ ଅଞ୍ଚଳର ସଂଜ୍ଞା :</u>** ହସ୍ତତନ୍ତ କ୍ଲଷ୍ଟର ଅଞ୍ଚଳ କହିଲେ ସେହି ଅଞ୍ଚଳକୁ ବୁଝାଏ ଯେଉଁଠାରେ ହସ୍ତତନ୍ତ ବହୁଳ ଭାବରେ ଦେଖାଯାଏ ଏବଂ ବଜାର ଭିତ୍ତିକ ହସ୍ତତନ୍ତ କପଡାମାନ ଉତ୍ପାଦନ କରାଯାଇଥାଏ । ଏହି ଅଞ୍ଚଳଗୁଡିକ ସାଧାରଣତଃ ୨ଟି ଗାଁକୁ ନେଇ ସଂଗଠିତ ହୋଇଥାଏ ବା ଦୁଇଟି ମଣ୍ଡଳିକୁ ନେଇ ହୋଇଥାଏ ଯାହାକି ଏକ କିମ୍ବା ଦୁଇଜିଲ୍ଲା ମଧ୍ୟରେ ହୋଇଥାଏ । ଦେଶରେ ବହୁତ ପଞ୍ଜିକୃତ ଅଞ୍ଚଳ ଅଛି ଯେଉଁଠାରେ ଅଧିକରୁ ଅଧିକ ତନ୍ତ ଦେଖାଯାଏ । କିନ୍ତୁ ସୁବିଧା ଦୃଷ୍ଟିରୁ ଏହାକୁ ୩୦୦ରୁ ୫୦୦ ତନ୍ତ ମଧ୍ୟରେ ସିମିତ ରଖାଯାଇଅଛି ।

**କ-୨.　<u>ଆଧାର, ତର୍ଜମା ଜନିତ ଅଧ୍ୟୟନ ଏବଂ ପଞ୍ଜିକୃତ ଅଞ୍ଚଳ ଉନ୍ନତି ପାଇଁ କ୍ଲଷ୍ଟର ଉନ୍ନୟନ  ଅଧକ୍ଷ (ସି.ଡି.ଏ)।</u>**

କ)୨.୧ **ଆଧାର ନିରକ୍ଷତା :** ପଞ୍ଜିକୃତ ଅଞ୍ଚଳରେ ଥିବା ସମସ୍ତ ବୁଣାକାରମାନଙ୍କ ପାଖକୁ ଯାଇ କଥାବାର୍ତ୍ତା ହେବାପରେ ଏକ ସ୍ୱତନ୍ତ୍ର ବିବରଣୀ ତିଆରିହୋଇଥାଏ । ଯେଉଁଥିରେ ମୋଟ୍ ଚାଲୁଥିବା ତନ୍ତ କେତେ, କି ପ୍ରକାର ତନ୍ତ କେତେ ବୁଣାକାର, ସେଥିମଧ୍ୟରୁ କେତେ ମହିଳା ଓ ପୁରୁଷ ଏବଂ କେଉଁ ସମ୍ପ୍ରଦାୟର କେତେ ବୁଣାକାର କେଉଁ ସୁତା ବ୍ୟବହାର କରୁଛନ୍ତି ଏବଂ କି ପ୍ରକାର ଦ୍ରବ୍ୟ ଉତ୍ପାଦନ କରାଯାଉଛି ଇତ୍ୟାଦି ଏହି ବିବରଣୀରେ ଉଲ୍ଲେଖ କରାଯାଇଥାଏ । ଏହାର ଏକ ସ୍ୱତନ୍ତ୍ର ବିବରଣୀ ନମୁନା ଅନୁବନ୍ଧ କ(୧) ଏବଂ କ(୨) ରେ ଦର୍ଶାଯାଇ ଅଛି ।

କ)୨.୨ **ତର୍ଜମା ଜନିତ ଅଧ୍ୟୟନ :** ପଞ୍ଜିକୃତ ଅଞ୍ଚଳରେ କୌଣସି କାର୍ଯ୍ୟକ୍ରମ ପ୍ରୟୋଗ କରିବା ପୂର୍ବରୁ ତର୍ଜମା ଜନିତ ଅଧ୍ୟୟନ  କରାଯାଇଥାଏ ଏହା ପଞ୍ଜିକୃତ ଅଞ୍ଚଳରେ ଥିବା ଦୃଢତା ଓ ଦୁର୍ବଳତା ପ୍ରକାଶ କରିବା ସହିତ ସୁରକ୍ଷିତ କାର୍ଯ୍ୟକ୍ରମ ଓ ତାହାର ସଫଳ ରୁପାୟନ ବାବଦରେ ସୁଚାଇଥାଏ । ଆହୁରି ମଧ ଏହି ତର୍ଜମା ଜନିତ ଅଧ୍ୟୟନ ଏକ ଦୀର୍ଘ ମିଆଦି କାର୍ଯ୍ୟକ୍ରମର ସୁଚୀ ବନାଇବାରେ ସାହାର୍ଯ୍ୟ କରିଥାଏ । ତର୍ଜମା ଜନିତ ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା ।

- ପଞ୍ଜିକୃତ ଅଞ୍ଚଳରେଥିବା ସମସ୍ତ ବ୍ୟକ୍ତିମାନଙ୍କର ବର୍ତ୍ତମାନେ ସମୟର ଅବସ୍ଥାକୁ ବୁଝିବା ଏବଂ ପଞ୍ଜିକୃତ ଅଞ୍ଚଳ କିପରି ଚାଲିଛି ଜାଣିବା ଏବଂ ଉତ୍ପାଦନ ଶୈଳୀକୁ ଆଲୋଚନା କରିବା ଇତ୍ୟାଦି ।
- ପଞ୍ଜିକୃତ ଅଞ୍ଚଳରେ ଦୃଢତା ଦୁର୍ବଳତା ସୁଯୋଗ ଓ ଅସୁବିଧା କୁ ବିଶ୍ଲେଷଣ କରାଇବା ।
- ମୂଲ୍ୟ କଡିକୁ ବିଶ୍ଲେଷଣ କରି ସେଥିରେ ଥିବା ଶୁନ୍ୟତା ଓ ବାଧାବିଘ୍ନକୁ ଆଲୋଚନା କରବା ।
- ବିଭିନ୍ନ ସାମାଜିକ ଓ ଆନୁଷ୍ଠାନିକ କାର୍ଯ୍ୟବେଶିତ ଆଞ୍ଚଳିକ ସଂସ୍ଥାମାନଙ୍କର ସମ୍ପର୍କ ବୃଦ୍ଧି କରିବା ।

- ପଞ୍ଜିକୃତ ଅଞ୍ଚଳରେ ଆର୍ଥିକ ଓ ସାମାଜିକ ପରିବେଶକୁ ବୁଝିବା ।
- ବଜାରକୁ ଦେଖି ଏବଂ ତାର ଚାହିଦାକୁ ଅନୁଭବ କରି ଏକ ସ୍ୱତନ୍ତ୍ର କାର୍ଯ୍ୟାବଳୀ ନିର୍ଦ୍ଧାରଣ କରାଇବା ।

ତର୍ଜମା ଜନିତ ଏକ ବିବରଣୀ ଏବଂ ତାର କାର୍ଯ୍ୟାବଳୀର ରୂପରେଖ ଅନୁବନ୍ଧକ କ (୩) ରେ ଦର୍ଶାଯାଇଛି ।

**କ)୨.୩ <u>ପଞ୍ଜିକୃତ ଅଞ୍ଚଳର ଉନ୍ନୟନ ଅଧିକାରୀ (ସି.ଡ଼ି.ଇ)</u>**

ପ୍ରତ୍ୟେକ ପଞ୍ଜିକୃତ ଅଞ୍ଚଳପାଇଁ ଜଣେ ଲୋଖାଏ ପଞ୍ଜିକୃତ ଅଞ୍ଚଳ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଥାଏ । ତାଙ୍କର କାମ ପଞ୍ଜିକୃତ ଅଞ୍ଚଳର ଉନ୍ନତି ବାବଦରେ ସର୍ବଦା ଚେଷ୍ଟିତ ହେବା। ଉନ୍ନୟନ ଅଧିକାରୀ ଦାୟିତ୍ୱ ହେଲା ବାଣିଜ୍ୟ ତର୍ଜମା ଓ ତତ୍‌ଜନିତ ଅଧ୍ୟୟନ କରିବା, ଯୋଜନାର ସଫଳ ରୂପାୟନ ପାଇଁ ଅଭିଲେଖା ବନାଇବା, ସମୟାନୁସାରେ ସର୍ବକାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀ ବନାଇବା ଓ ଏହା ଆର୍ଥିକ ଅନୁଷ୍ଠାନ ସହିତ ସଂଶ୍ଳିଷ୍ଟ କରାଇବା ଏବଂ ଗୁଣାତ୍ମକ ସୁତା, ରଙ୍ଗ ଏବଂ ଅନ୍ୟାନ୍ୟ କଞ୍ଚାମାଲ ପାଇଁ ଜାତୀୟ ହସ୍ତତନ୍ତ ଉନ୍ନୟନ ନିଗମ, ଲକ୍ଷ୍ନୌ ସହ ଯୋଗାଯୋଗ କରିବା ଇତ୍ୟାଦି ।

ଉପରୋକ୍ତ କାର୍ଯ୍ୟକ୍ରମ ସହିତ ଏକ ପଞ୍ଜିକୃତ ଅଞ୍ଚଳ ଉନ୍ନତି କରଣ ସମନ୍ୱୟ କମିଟି ଗଠନ କରାଇବେ, ଯେଉଁଥିରେ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ, ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରାଥମିକ ହସ୍ତତନ୍ତ ସମବାୟ ସମିତି, ହସ୍ତତନ୍ତ ବ୍ୟବସାୟୀ, ନାବାର୍ଡ ବ୍ୟାଙ୍କ ଏବଂ ବିଭିନ୍ନ ସରକାରୀ ଅନୁଷ୍ଠାନ ମାନେ କମିଟିର ସଭ୍ୟ ହୋଇ ରହିବେ ।

**କ-୩ <u>ପଞ୍ଜିକୃତ ଅଞ୍ଚଳରେ ଆର୍ଥିକ ସହାୟତା ଜନୀତ ବିଭାଗୀ କରଣ :</u>**

ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମଟିକୁ ତୁଲାଇବା ପାଇଁ ତିନିବର୍ଷ ମଧରେ ଅତିବେଶିରେ ୬୦ଲକ୍ଷ ଟଙ୍କା ଖର୍ଚ୍ଚ କରିହେବ ।

କ)୩-୧ <u>ପଞ୍ଜିକୃତ ଅଞ୍ଚଳର ଉନ୍ନତି :- ଆଧାର ନିରକ୍ଷଣ, ତର୍ଜମା, ଅଧ୍ୟୟନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ।</u>

ପଞ୍ଜିକୃତ ଅଞ୍ଚଳରେ ତର୍ଜମା, ଅଧ୍ୟୟନ, ଆଧାର ଅଧ୍ୟୟନ ଏବଂ ଏହାର ଭବିଷ୍ୟତ କାର୍ଯ୍ରକ୍ରମ ନିର୍ଦ୍ଧାରଣ ପାଇଁ ଏକ ପ୍ରଣୟନକାରୀ ସଂସ୍ଥାକୁ ମଧ ନିଯୁକ୍ତ କରାଯାଇପାରେ । ଏହି ପ୍ରଣୟନକାରୀ ସଂସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ସେମାନଙ୍କୁ ଆର୍ଥିକ ସଂସ୍ଥା ମାଧମରେ ଋଣ ଯୋଗାଇ ଦେବାରେ ସାହାର୍ଯ୍ୟ କରିଥାଏ । ଏହି କାର୍ଯ୍ୟକ୍ରମ ସହିତ ଏବଂ ସ୍ୱୟଂ ସହାୟକ ଗୋଷ୍ଠିକୁ ପ୍ରଶିକ୍ଷଣ ଦେବାପାଇଁ ୧ ଲକ୍ଷ ୨୫ ହଜାର ପର୍ଯ୍ୟନ୍ତ ନଗଦରାଶୀ ସେହି ପ୍ରଣୟନକାରୀ ସଂସ୍ଥାକୁ ଦିଆଯାଇପାରିବ । ଯଦି ପ୍ରଣୟନକାରୀ ସଂସ୍ଥା କୌଣସି ରାଜ୍ୟ ସରକାର ହୋଇଥାନ୍ତି, ତାହାହେଲେ ଏହି କାର୍ଯ୍ୟକ୍ରମ ପାଇଁ କୌଣସି ଆର୍ଥିକ ସାହାର୍ଯ୍ୟ ଦିଆଯିବ ନାହିଁ ।

କ.୩-୨ <u>ବ୍ୟବସାୟିକ ଅନୁଷ୍ଠାନ (କନ୍‌ସୋଟିୟମ) ଗଠନ :</u> ପ୍ରାଥମିକ ବୁଣାକାର ସମବାୟ ସମିତି ସ୍ୱୟଂ ସହାୟକ ଗୋଷ୍ଠୀ ବିଭିନ୍ନ ବ୍ୟବସାୟ ବେସରକାରୀ ସଂଗଠନ ମୁଖ୍ୟ ବୁଣାକାର ମାନଙ୍କୁ ନେଇ କନ୍‌ସୋଟିୟମ ଗଠନ କରାଯିବ ଏବଂ ଏହି କନ୍‌ସୋଟିୟମ୍ ବୁଣାକାରମାନଙ୍କ ସହିତ ଆଲୋଚନା

ପର୍ଯ୍ୟାଲୋଚନା କରିଥାନ୍ତି ଓ ଆର୍ଥିକ ଅନୁଷ୍ଠାନ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କ ସହିତ ସମ୍ପର୍କ ସ୍ଥାପନ କରାଇବେ । ପ୍ରତ୍ୟେକ ପଞ୍ଜିକୃତ ଅଞ୍ଚଳକୁ ଏକ କାଳୀନ ଭିତରେ ୫୦ ହଜାର ଟଙ୍କା ଦିଆଯାଇଥାଏ ଯାହାକି ବିଭିନ୍ନ ସଭା ସମିତି କରିବା ସହିତ ବିଭିନ୍ନ କାର୍ଯ୍ୟାଳୟ ଉପଯୋଗୀ ସାମଗ୍ରୀ  କିଣିବା, ବିଭିନ୍ନ ଅଞ୍ଚଳ ଦର୍ଶନ, ଜାଗରଣ ଜନିତ ପ୍ରଶିକ୍ଷଣ ଏବଂ ଏକ ଅଧକ୍ଷକ ନିଯୁକ୍ତି, କନସୋଟିୟମ ଉନ୍ନତି ନିମନ୍ତେ ଏ ଅର୍ଥ ଖର୍ଚ୍ଚ କରାଯାଇଥାଏ । ଏହି ରାଶି ଭାରତ ସରକାରଙ୍କ ଦ୍ୱାରା ଏକ କାଳୀନ ଅନୁଦାନ ଦିଆଯାଇଥାଏ । ତିନିବର୍ଷ ମଧରେ ପଞ୍ଜିକୃତ ଅଞ୍ଚଳ ନିଜକୁ ଚଳାଇବା ସହିତ ଆତ୍ମନିର୍ଭରଶୀଳ ହୋଇଯାଇଥାଏ ।

କ.୩-୩ **<u>ସୁତା ବ୍ୟାଙ୍କ ଗଠନ କରିବା ନିମନ୍ତେ ଧନରାଶୀ :</u>**

ବର୍ତ୍ତମାନ ପରିସ୍ଥିତିରେ କୌଣସି ବୁଣାକାର କିମ୍ବା ଅନୁଷ୍ଠାନ ଜାତୀୟ  ହସ୍ତତନ୍ତ ଉନ୍ନୟନ ନିଗମଠାରୁ ସୁତାପାଇବାକୁ ହେଲେ ଅତିକମ୍‌ରେ ୩ ରୁ ୪ ସପ୍ତାହ ଲାଗି ଯାଉଛି । ଏହି ସମୟ ବସ୍ତ୍ର ଉତ୍ପାଦନ ଶୈଳିକୁ ବିଳମ୍ବିତ କରିଛି । ଉପରୋକ୍ତ ଅସୁବିଧାକୁ ଦୁର କରିବାପାଇଁ ୩୦୦ ରୁ ୫୦୦  ତନ୍ତକୁ ଦରକାର ପଡୁଥିବା ସୁତାର ମୂଲ୍ୟ ୩ ଲକ୍ଷ ପଯ୍ୟନ୍ତ ଜାତୀୟ ହସ୍ତତନ୍ତ୍ର ଉନ୍ନୟନ ନିଗମ (ଏନ.ଏଚ.ଡି.ସି) ପାଖରେ ଜମାଦେଇ ନିୟମିତ୍ତ ଭାବରେ ସୁତାବ୍ୟାଙ୍କ ମାଧମରେ ସୁତା ପାଇହେବ ଫଳରେ ସୁତା ବ୍ୟାଙ୍କରୁ ବୁଣାକାରମାନେ ନିଜର ଦେୟ ଜମାକରି ସେହି ପରିମାଣରେ ସୁତା କିଣିପାରିବେ ।

କ.୩-୪ **<u>ଡିଜାଇନ୍ ଉନ୍ନୟନ ଏବଂ ଉତ୍ପାଦନ ଦ୍ରବ୍ୟର ବିବିଧତା :</u>**

ଏକ କାଳୀନ ତିନିଲକ୍ଷ ଟଙ୍କା ଦେଇ କମ୍ପ୍ୟୁଟର ସାହାର୍ଯ୍ୟରେ ଡିଜାଇନ୍ କରିବା ଇତ୍ୟାଦି କାମରେ ଲାଗୁଥିବା ମେସିନ୍ କିଣା ପାଇପାରେ, ଯେଉଁଥିରେ ଭାରତ ସରକାର ରାଜ୍ୟସରକାର / ହିତାଧିକାରୀ ପ୍ରଣୟନକାରୀ ସଂସ୍ଥା ସମାନୁପାତିକ ନିଜର ଅଂଶଦାନ ଦେୟ କରାଇ ପାରିବେ । ଏକ କାଳୀନ ଭିତରେ ୬ ଲକ୍ଷ ଟଙ୍କା ଦେଇ ତିନିବର୍ଷ ପର୍ଯ୍ୟନ୍ତ ଏକ ଉଚ୍ଚମାନର ଡିଜାଇନର୍ ନିଯୁକ୍ତ କରିହେବ ଏବଂ ଏହି ବାବଦରେ ସମସ୍ତ ଅର୍ଥ ଭାରତ ସରକାର ବହନ କରିବେ ।

କ୩.୫ **<u>ସାଧାରଣ ସୁବିଧା ସୁଯୋଗ କେନ୍ଦ୍ର / ରଙ୍ଗ କେନ୍ଦ୍ର :</u>**

ଏହି ଯୋଜନା ମାଧମରେ ରାଶି ବ୍ୟବହାର କରି ସାଧାରରଣ ସୁବିଧା ସୁଯୋଗ ଥିବା କେନ୍ଦ୍ର ସୃଷ୍ଟି କରାଯାଇପାରିବ ଯେଉଁଠାରେ ବୁଣା ପୂର୍ବ ଓ ବୁଣା ପରବର୍ତ୍ତି କାର୍ଯ୍ୟଗୁଡିକ କରାଯାଇ ପାରିବ ଏବଂ ଗୁଣବତ୍ତା କେନ୍ଦ୍ର ପ୍ରଦର୍ଶନୀ ଗୃହ, ସାଧାରଣ କର୍ମଶାଳା ଇତ୍ୟାଦି କାର୍ଯ୍ୟ କରାଯାଇପାରିବ । ଏହାପାଇଁ ଦରକାର ପଡୁଥିବା ସମସ୍ତ ଧନରାଶି ଭାରତ ସରକାର ହିଁ ଦେବେ । ସାଧାରଣ ସୁବିଧା ସୁଯୋଗ ଥିବା ଯୋଜନା ଭିତରେ ଦରକାର ହେଉଥିବା ରଙ୍ଗକେନ୍ଦ୍ର ପ୍ରତିଷ୍ଠା ପାଇଁ ଆବଶ୍ୟକ ଅର୍ଥରାଶି ବ୍ୟକ୍ତିଗତ  ଓ ସରକାରୀ ମିଳତ ଭାବେ କରିପାରିବେ ଯେଉଁଥିରେ ୨୦ ଶତକଡା ରାଶି ରାଜ୍ୟ ସରକାର ଉଦ୍ୟଗପତି, ଅନୁଷ୍ଠାନ ଇତ୍ୟାଦି ବହନ କରିବେ ଏବଂ ଆଉ ୮୦ ଶତକଡା ଭାରତ ସରକାରଙ୍କ ତରଫରୁ ଦିଆଯାଇଥାଏ । ଯଦି ଏହା ଅନୁଭବ କରାଯାଏ ଯେ ସେହି ପଞ୍ଜିକୃତ ଅଞ୍ଚଳରେ ରହିଥିବା ରଙ୍ଗ କେନ୍ଦ୍ରର ଉନ୍ନତିକରଣ କରାଗଲେ କାମ ହୋଇଯିବ ତେବେ ତାହା ମଧ କରାଯାଇପାରିବ ।

ଉପରୋକ୍ତ ସୁବିଧା ସୁଯୋଗ ପାଇବା ପାଇଁ ଏକ ଚିଠା ପତ୍ର ବନାଇ ପ୍ରଣୟନକାରୀ ସଂସ୍ଥା ରାଜ୍ୟ ସରକାରଙ୍କ ମାଧମରେ ଡେଭ୍‌ଲୋପମେଣ୍ଟ କମିଶନରଙ୍କୁ ପଠାଇବେ । ଏହା ଡେଭ୍‌ଲୋପମେଣ୍ଟ୍ କମିଶନରଙ୍କ ଦ୍ୱାରା ଗଠନ କରାଯାଇଥିବା କମିଟିରେ ଆଲୋଚନା କରାଯାଇଥାଏ । ଏହାର ପରିଚାଳନା ଭବିଷ୍ୟତ ଓ ପାଖାପାଖି ଅଞ୍ଚଳରେଥିବା ବିଭିନ୍ନ ସୁବିଧା ସୁଯୋଗ ଆଦି ବାବଦରେ ବିବେଚନା କରାଯାଏ । ଏହି ବାବଦରେ ମୋଟ ୩୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କାର ବ୍ୟବସ୍ଥା ରଖାଯାଇଅଛି । ଦରକାର ଅନୁସାରେ ଏହି ସୁବିଧା କେବଳ ବଡବଡ ପଞ୍ଜିକୃତ ଅଞ୍ଚଳରେ ସ୍ଥାପନ କରାଯାଇଥାଏ ।

କ.୩-୬ **ପ୍ରଚାର, ପ୍ରସରଣ ଏବଂ ବଜାରିକରଣ :** ଭାରତ ଏବଂ ଭାରତ ବାହରେ ଏକ ସ୍ୱତନ୍ତ୍ର ହସ୍ତତନ୍ତ ଦ୍ରବ୍ୟର ପ୍ରଚାର ଓ ପ୍ରସାରଣ ପାଇଁ ଏକ ସକ୍ଷମ ସଂସ୍ଥାକୁ ଧନରାଶି ନିଆଯାଇପାରେ । ଏହି ଯୋଜନାରେ ବିଜ୍ଞାପନ କରାଇବା ଲିଫ୍‌ଲେଟ୍ ବନାଇବା, ବ୍ରୋଚର ବନାଇବା, ବଜାର ଅଧ୍ୟୟନ କରାଇବା, କ୍ରେତା ଓ ବିକ୍ରେତାଙ୍କ ସଭା କରାଇବା ଏବଂ ଅନ୍ୟ ପଞ୍ଜିକୃତ ଅଞ୍ଚଳକୁ ନିରକ୍ଷଣ କରିବା ଇତ୍ୟାଦି ନିଆଯାଇଥାଏ । ଏହି ସବୁକାର୍ଯ୍ୟ ବାବଦରେ ମୋଟ ଖର୍ଚ୍ଚ ହେଉଥିବା ଧନରାଶି ୭୫.୨୫ ଅନୁପାତରେ ହୋଇଥାଏ । ଯେଉଁଠାରେ ୭୫ ପ୍ରତିଶତ ଭାରତ ସରକାର ଦେଇ ଥାଆନ୍ତି । ଆଉ ୨୫ ପ୍ରତିଶାତ ରାଜ୍ୟ ସରକାର ଅଥବା ପ୍ରଣୟନକାରୀ ସଂସ୍ଥା କିମ୍ବା ହିତାଧିକାରୀମାନଙ୍କଠାରୁ ଆଦାୟ କରାଯାଇଥାଏ । ଏହା ବାବଦରେ ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ବର୍ଣ୍ଣନା କରାଯାଇଛି ।

୧) ବିଜ୍ଞାପନ କରାଇବା, ଲିଫ୍‌ଲେଟ୍ ବନାଇବା, ଦ୍ରବ୍ୟର କ୍ୟାଟ୍‌ଲଗ ବନାଇବା ଇତ୍ୟାଦି କାର୍ଯ୍ୟ ୩ ବର୍ଷ ମଧରେ ୫୦,୦୦୦ ପର୍ଯ୍ୟନ୍ତ ରାଶି ଖର୍ଚ୍ଚ କରିହେବ । ଯେଉଁଥିରେ ୭୫.୨୫ ଅନୁପାତରେ ଖର୍ଚ୍ଚ କରିହେବ । ଯାହା ଭାରତ ସରକାର ୭୫ ଶତକଡା ଏବଂ ୨୫ ଶତକଡା ରାଜ୍ୟ ସରକାର ପ୍ରଣୟନକାରୀ ସଂସ୍ଥା ବା ହିତାଧିକାରୀ ବହନ କରିବେ ।

୨) ୩ ବର୍ଷ ମଧରେ ୬ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ କରି ଅତିବେଶିରେ ୩ ଟି ପ୍ରଦର୍ଶନୀରେ ଭାଗନେଇ ପାରିବେ ବା ନିଜେ ମଧ ପ୍ରସ୍ତୁତ କରିପାରିବେ । ଏଥିରେ ମଧ ୭୫.୨୫ ଅନୁପାତରେ ରାଶି ଆବଣ୍ଟନ ହେବ । କେନ୍ଦ୍ର ସରକାର ୭୫ ଭାଗ ଓ ବାକି ୨୫ ଭାଗ ରାଜ୍ୟ ସରାକାର ହୀତାଧିକାରୀ ଓ ପ୍ରଣୟନ ସଂସ୍ଥା ବହନ କରିବେ ।

୩) ୩ ବର୍ଷ ମଧରେ ଅତିବେଶୀରେ ୩ ଲକ୍ଷ ନଗଦ ରାଶି ଖର୍ଚ୍ଚ କରି ଅତିବେଶିରେ ୯ଟି କ୍ରେତା ବିକ୍ରେତା ସଭାରେ ଭାଗ ନେଇପାରିବେ ଏବଂ ନିଜେ ମଧ ଏ କାର୍ଯ୍ୟକ୍ରମ କରିପାରିବେ । ଏଥିରେ ଦେୟ ସେହି ୭୫.୨୫ ଅନୁପାତରେ ଭାରତ ସରକାର ଅଥବା ପ୍ରଣୟନକାରୀ ସଂସ୍ଥା ଅଥବା ହିତାଧିକାରୀ ଅର୍ଥ ବ୍ୟବସ୍ଥା କରିବେ ।

୪) ଏକ କାଳିନ ଭିତରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ବଜାର ଜନିତ ସର୍ବେକ୍ଷଣ ବା ଅନୁସନ୍ଧାନ କରାଇପାରିବେ ଯେଉଁଥିରେ ୭୫.୨୫ ଅନୁପାତରେ ରାଶି ଖର୍ଚ୍ଚ କରାଯାଇପାରିବ ।

୫) ୩ ବର୍ଷ ମଧରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ବୁଣାକାରମନାଙ୍କୁ ଅନ୍ୟ ପଞ୍ଜିକୃତ ଅଞ୍ଚଳକୁ ଜ୍ଞାନ ବର୍ଦ୍ଧନ ପାଇ ବୁଲାଇବାକୁ ନେଇ ହେବ । ଏ ବବଦରେ ଭାରତ ସରକାର ହିଁ ସମ୍ପୁର୍ଣ୍ଣ ଅର୍ଥ ଦେବେ, ଜଣେ ବୁଣାକାର ପାଇଁ ୩୦୦୦ ଟଙ୍କା ଲେଖାଏ ଖର୍ଚ୍ଚ କରାଯାଇଥାଏ ।

୬)	ଏକ କାଳୀନ ପଞ୍ଜିକୃତ ଅଞ୍ଚଳକୁ ଭାରତ ସରକାରଙ୍କ ପ୍ରଦତ୍ତ ୨୫,୦୦୦ ଟଙ୍କାରେ ସେହି ପଞ୍ଜିକୃତ ଅଞ୍ଚଳର ୱେବସାଇଟ୍ ବନାଇ ପାରିବେ ।

ମୋଟ ପରିଯୋଜନା ରାଶିର ସର୍ବାଧିକ ୨୦ ପ୍ରତିଶତହିଁ ବଜାରିକରଣ ଏବଂ ପ୍ରଚାରାଭିମୁଖି କାର୍ଯ୍ୟରେ ଲଗାଯାଇ ପାରିବ ।

କ୩.୭ **<u>ପରିଯୋଜନା ସଂଚାଳନ ଜନିତ ଖର୍ଚ୍ଚ</u>**

୩ ବର୍ଷ ପର୍ଯ୍ୟନ୍ତ ବର୍ଷକୁ ୨ଲକ୍ଷ ୪୦ ହଜାର ଲେଖାଏ ରାଶି ପରିଚାଳନା ବାବଦକୁ ଖର୍ଚ୍ଚ ପ୍ରଣୟନ କାରୀ ସଂସ୍ଥାକୁ ଦିଆଯାଇଥାଏ । ଯଦି ରାଜ୍ୟସରକାର ହୋଇଥାନ୍ତି, ତାହେଲେ ମାତ୍ର ୨୫୦୦୦ଟଙ୍କା ବର୍ଷକୁ ପରିଯୋଜନା ସଂଚାଳନା ଜନିତ ଖର୍ଚ୍ଚ ଦିଆଯିବ ।

## ୩୦୦ ରୁ ୫୦୦ ତନ୍ତଥିବା ପଞ୍ଜିକୃତ ଅଞ୍ଚଳପାଇଁ ବିଭିନ୍ନ ଖର୍ଚ୍ଚ ମାନଙ୍କର ଏକ ତାଲିକା ନିମ୍ନସ୍ଥଳେ ଦର୍ଶାଯାଇଛି ।

| କ୍ର.ନଂ. | ବିଭିନ୍ନ ବିଭାଗ | ଆର୍ଥିକ ସାହାର୍ଯ୍ୟ ପ୍ରତି ପଞ୍ଜିକୃତ ଅଞ୍ଚଳକୁ | ଭାରତ /ରାଜ୍ୟ ସରକାର ପ୍ରଣୟନକାରୀ ସଂସ୍ଥା ହିତାଧିକାରୀ ଅର୍ଥ ଅନୁପାତ |
|---|---|---|---|
| ୧ | ଆଧାର ନିରକ୍ଷଣ ତର୍ଜମା ଅଧୟନ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ | ୧ ଲକ୍ଷ ୨୫୦୦୦ ଏକକାଳିନ | ଭାରତ ସରକାରଙ୍କ ର ଶତପ୍ରତିଶତ |
| ୨ | କନ୍‌ସୋଟିୟମ ଗଠନ | ୫୦ ହଜାର - ଏକକାଳୀନ | ଶତ ପ୍ରତିଶତ ଭାରତ ସରକାରଙ୍କର |
| ୩ | ସୁତା ବ୍ୟାଙ୍କପାଇଁ କର୍ପସ ରାଶୀ | ୩ ଲକ୍ଷ - ଏକ କଳୀନ | ଶତ ପ୍ରତିଶତ ଭାରତ ସରକାରଙ୍କର |
| ୪ | ଡିଜାଇନ୍‌ର ଉନ୍ନତି ଓ ଉଦ୍ଭାବନ ବିଭେଦି କରଣ | କମ୍ପ୍ୟୁଟରିକୃତ ବସ୍ତୁ ଡିଜାଇନ ଏବଂ ରଙ୍ଗର ବଭିଷ୍ୟତ ଚାହିଦା ଓ ଭବିଷ୍ୟତ ବାଣିଜ୍ୟ ଗଠନ ପାଇଁ - ୩ ଲକ୍ଷ ଏକ କାଳୀନ | ୫୦:୫୦ |
| | | ୬ଲକ୍ଷ ଡିଜାଇନର ନିଯୁକ୍ତି ପାଇଁ ୩ ବର୍ଷରେ) | ଭାରତ ସରକାରଙ୍କ ଶତପ୍ରତିଶତ |
| ୫ | ସାଧାରଣ ସୁବିଧାକେନ୍ଦ୍ର/ରଙ୍ଗଘର (ଶତକଡା ୫୦ ପର୍ଯ୍ୟନ୍ତ ସିମିତ) | ୩୦ ଲକ୍ଷ ଏକ କାଳୀନ | ସାଧାରଣ ସୁବିଧା କେନ୍ଦ୍ର ଶତପ୍ରତିଶତ ଭାରତ ସରକାରଙ୍କ |

| | | | |
|---|---|---|---|
| | | | ଏବଂ ରଙ୍ଗଶାଳା ୮୦:୨୦ ଭାରତ ସରକାର : ରାଜ୍ୟ ସରକାର, ପ୍ରଣୟନକାରୀ ସଂସ୍ଥା |
| ୬ | ପ୍ରଚାର ଓ ବଜାରିକରଣ (୨୦ ଶତକଡା ପର୍ଯ୍ୟନ୍ତ ସିମିତ) | ୧) ତିନ ବର୍ଷ ମଧରେ ୫୦ ହଜାର ଟଙ୍କା ବ୍ରୋଚର, ବିଜ୍ଞାପନ, କ୍ୟାଟଲଗ୍ ବନାଇବାରେ ଖର୍ଚ୍ଚ ହେବ । | ୭୫.୨୫ |
| | | ୨) ତିନି ବର୍ଷ ମଧରେ ୬ ଲକ୍ଷ ଖର୍ଚ୍ଚ କରି ୩ଟି ପ୍ରଦର୍ଶନରେ ଭାଗନେଇପାରିବେ/ନିଜେ କରିପାରିବେ । | ୭୫.୨୫ |
| | | ୩) ତିନିବର୍ଷ ମଧରେ ୩ ଲକ୍ଷଟଙ୍କା ... ୬ଟି କ୍ରେତା-ବିକ୍ରେତା ସଭାରେ ଉପସ୍ଥିତ ରହିପାରିବେ ବା ନିଜେ ପ୍ରସ୍ତୁତ କରିପାରିବେ । | ୭୫.୨୫ |
| | | ୪) ଏକ କାଳୀନ ଭିତ୍ତିରେ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରି ବଜାର ଅନୁସନ୍ଧାନ ଓ ସର୍ଭେ କରିପାରିବେ । | ୭୫.୨୫ ଶତ ପ୍ରତିଶତ ଭାରତ ସରକାରଙ୍କର |
| | | ୫) ତିନିବର୍ଷ ମଧରେ ଜଣ ପିଛା ତିନିହଜାର ଟଙ୍କା ଖର୍ଚ୍ଚରେ ବୁଣାକାରଙ୍କୁ ନେଇ ପରିଦର୍ଶନ ଏବଂ ଜାଗରଣ ପାଇଁ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିହେବ । | ଶତ ପ୍ରତିଶତ ଭାରତ ସରକାରଙ୍କର |
| | | ୬) ଏକ କାଳୀନ ଭିତ୍ତିରେ ୨୫ ହଜାର ଟଙ୍କାଖର୍ଚ୍ଚ କରି ୱେବ୍‌ସାଇଟ୍ ବନାଇ ପାରିବେ । | ଶତ ପ୍ରତିଶତ ଭାରତସରକାରଙ୍କର |
| ୭. | ପରିଯୋଜନା ପରିଚାଳନା ଖର୍ଚ୍ଚ | ବାର୍ଷିକ ୨ଲକ୍ଷ୪୦ ହଜାର ଟଙ୍କା ହାରରେ ୭ ଲକ୍ଷ ୨୦ ହଜାର ପର୍ଯ୍ୟନ୍ତ ୩ ବର୍ଷ ମଧରେ ଖର୍ଚ୍ଚ କରିପାରିବେ । | ଶତ ପ୍ରତିଶତ ଭାରତ ସରକାରଙ୍କର |

# ମନ୍ତବ୍ୟ :

କ) ଯେଉଁଠାରେ ରାଜ୍ୟ ସରକାର ପଞ୍ଜିକୃତ ରାଜ୍ୟ ସରକାର ପ୍ରଣୟନକାରୀ ସଂସ୍ଥା ହୋଇଥିବେ ସେତେବେଳେ ଆଧାରଭିତ୍ତିକ ସର୍ବେକ୍ଷଣ ବେସ୍‌ଲାଇନ୍ ଅଧୟନ, ତର୍ଜମା ଜନିତ ଅଧୟନ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଇତ୍ୟାଦି ପାଇଁ କୌଣସି ଆର୍ଥିକ ସହାୟତା ଦିଆଯିବ ନାହିଁ ।

ଖ) ଯେଉଁ ଡିଜାଇନରଙ୍କୁ ପଞ୍ଜିକୃତ ଅଞ୍ଚଳ କାର୍ଯ୍ୟରେ ବିନିଯୋଗ କରାଯିବ, ତାଙ୍କର ଅତିକମ୍‌ରେ ୩ ବର୍ଷର ଅନୁଭବ ଥିବା ଦରକାର । ସେ ନିଫଟ/ଏନ୍.ଆଇ.ଡିରୁ ସ୍ନାତକ ପାସ କରିଥିବେ । ଯଦି

ଅନ୍ୟ କୌଣସି ସଂସ୍ଥାରୁ ପାସ୍ କରିଥିବା ଡିଜାଇନରଙ୍କୁ ଏହ କାର୍ଯ୍ୟପାଇଁ ନିଯୁକ୍ତ କରିବେ ତେବେ ଏଥିପାଇଁ ହସ୍ତତନ୍ତ ଉନ୍ନୟନ କମିଶନଙ୍କ ଅନୁମୋଦନ ଆବଶ୍ୟକ । ଡିଜାଇନରଙ୍କ ନିଯୁକ୍ତି ବେଳେ ଯଥା ସମ୍ଭବ ଡିଜାଇନ୍‌ର ସେହି ରାଜ୍ୟରୁ ହୋଇଥିବେ ଏବଂ ନହେଲେ ନିକଟସ୍ଥ ଅଞ୍ଚଳରୁ ହୋଇଥିବା ଦରକାର ।

ଗ) ଯଦି ସରକାରୀ କାର୍ଯାଳୟର କିମ୍ବା ସେହି ଧରଣର କାର୍ଯାଳୟ ପ୍ରଣୟନକାରୀ ସଂସ୍ଥା ହେବେ, ତାହେଲେ କେବଳ ବାର୍ଷିକ ୨୫୦୦୦/- ଟଙ୍କା ପରିଯୋଜନା ପରିଚାଳନା ଖର୍ଚ୍ଚ ନିମନ୍ତେ ମିଳିବ ।

**କ୩.୮ ବ୍ୟକ୍ତିଗତ ବୁଣାକାର ପାଇଁ ସାହାର୍ଯ୍ୟ :**

୩୦୦ ରୁ ୫୦୦ ତନ୍ତ ବିଶିଷ୍ଟ ପଞ୍ଜିକୃତ ଅଞ୍ଚଳରେ ଜଣେ ବ୍ୟକ୍ତିଗତ ବୁଣାକାରଙ୍କର କଞ୍ଚାମାଲ ଓ କାର୍ଯ୍ୟଶାଳା ପ୍ରତିଷ୍ଠା ନିମନ୍ତେ ମୋଟ୍ ପରିଯୋଜନା ଖର୍ଚ୍ଚ ଅର୍ଥାତ୍ ୬୦ ଲକ୍ଷ ଟଙ୍କାର ୨୫ଭାଗ ପର୍ଯ୍ୟନ୍ତ ଏହି କାର୍ଯ୍ୟ ପାଇଁ ଅନୁମତି ମିଳିଥାଏ । ଏହି ସବୁ ଖର୍ଚ୍ଚର ପୂର୍ଣ୍ଣ ବିବରଣୀ ତଳେ ବର୍ଣ୍ଣନା କରାଯାଉଅଛି ।

**କ୩.୮.୧ ହସ୍ତତନ୍ତ ନିମନ୍ତେ ମୌଳିକ ଆବଶ୍ୟକ**

କ) **ଆବଶ୍ୟକ ନ୍ୟୁନତମ ରାଶୀ (ମାର୍ଜିନମନି) :** - ଯେଉଁ ବୁଣାକାରମାନେ ସ୍ୱୟଂ ସହାୟକ ସଂଗଠନ ବା ପ୍ରାଥମିକ ସମବାୟ ସମିତି ମାଧମରେ କାର୍ଯ୍ୟକରୁଛନ୍ତି ସେମାନଙ୍କୁ ୬୦୦୦ ଟଙ୍କା ଲେଖାଏ ସହାୟତା ଦିଆଯାଇଥାଏ। ଆବଶ୍ୟକ ରାଶିର ୭୦ ପ୍ରତିଶତ ରାଶି ଭାରତ ସରକାର ଦେଇ ଥାଆନ୍ତି, ୨୦ ଶତକଡା ରାଶି ରାଜ୍ୟ ସରକାର ଦେଇଥାଆନ୍ତି ଓ ଶେଷ ୧୦ ପ୍ରତିଶତ ରାଶି ପ୍ରଣୟନ କାରୀ ସଂସ୍ଥା ବା ହିତାଧିକାରୀ ବହନ କରିଥାଆନ୍ତି ।

ଖ) **ନୂଆତନ୍ତ :** ସ୍ୱୟଂ ସହାୟକ ଗୋଷ୍ଠୀ ବା ବୁଣାକାର ସମିତିରେ କାର୍ଯ୍ୟକରୁଥିବା ବୁଣାକାରଙ୍କୁ ନୁଆ ତନ୍ତ କିଣିବା ପାଇଁ ତନ୍ତପ୍ରତି ଟ୮୦୦୦କରି ସହାୟତା ମିଳିଥାଏ । ଏଥିରେ ୭୦ ଶତକଡା ଅର୍ଥ ଭାରତ ସରକାର ବହନ କରିବା ବେଳେ ୨୦ ପ୍ରତିଶତ ରାଜ୍ୟ ସରକାର ଏବଂ ୧୦ ପ୍ରତିଶତ ରାଶି ପ୍ରଣୟନକାରୀ ସଂସ୍ଥା ବା ହିତାଧିକାରୀ ବହନ କରିଥାଆନ୍ତି ।

ଗ) **ଡବି :** ପ୍ରତି ବୁଣାକରଙ୍କୁ ୪୦୦୦/- ଟଙ୍କା କରି ସ୍ୱୟଂ ସହାୟକ ଗୋଷ୍ଠୀ ବା ତନ୍ତୁବାୟ ସମିତି ର ବୁଣାକାରଙ୍କୁ ଡବି କିଣିବା ପାଇଁ ଦିଆଯିବ । ଏଥିରେ କେନ୍ଦ୍ର ସରକାର ୭୦%, ୨୦% ରାଜ୍ୟ ସରକାର ଏବଂ ବାକି ୧୦ ଶତକଡା ରାଶି ପ୍ରଣୟନ କାରୀ ସଂସ୍ଥା ବା ନିଜେ ହିତାଧିକାରୀ ବହନ କରିବେ ।

ଘ) **ଜାକାର୍ଡ :** ପ୍ରତି ବୁଣାକାରଙ୍କୁ ୬୦୦୦/- ଟଙ୍କା ଲେଖାଏ ସ୍ୱୟଂ ସହାୟକ ଗୋଷ୍ଠୀ ହେଉ ବା ତନ୍ତୁବାୟ ସମିତି ବୁଣାକାରମାନଙ୍କୁ ହେଉ ଡାକାର୍ଡ କିଣିବା ପାଇଁ ମିଳିଥାଏ । ଏଥିରେ ୭୦ ଶତକଡା ରାଶି ଭାରତ ସରକାର ଦେଇଥାଆନ୍ତି, ୨୦ ଶତକଡା ରାଜ୍ୟ ସରକାର ଦେଇଥିବା ବେଳେ ଆଉ ୧୦ ଶତକଡା ରାଶି ପ୍ରଣୟନକାରୀ ସଂସ୍ଥା ବା ନିଜେ ହିତାଧିକାରୀଙ୍କୁ ବହନ କରିବାକୁ ପଡିଥାଏ ।

ଙ) **ତନ୍ତ ସରଞ୍ଜାମ :** ପ୍ରତି ବୁଣାକାରଙ୍କୁ ବୁଣାବୁଣି କାମରେ ଲାଗୁଥବା ତନ୍ତ ସରଞ୍ଜାମ କିଣିବା ପାଇଁ ୨୦୦୦/- ଟଙ୍କା ମିଳିଥାଏ । ଏଥିରେ ଭାରତ ସରକାରଙ୍କ ତରଫରୁ ମୋଟ ଟଙ୍କାର ୭୦ ପ୍ରତିଶତ ମିଳିଥାଏ, ୨୦ ପ୍ରତିଶତ ରାଜ୍ୟ ସରକାର ଓ ୧୦ ପ୍ରତିଶତ ନିଜେ ବୁଣାକାର ବହନ କରିବେ ନହେଲେ ପ୍ରଣୟନକାରୀ ସଂସ୍ଥାଙ୍କ ଠାରୁ ମିଳିଥାଏ ।

**ମନ୍ତବ୍ୟ :**

ବିଭିନ୍ନ ମୌଳିକ ବସ୍ତୁ ଉପରେ ଖର୍ଚ୍ଚ ହେଉ ଥିବା ରାଶିର ଅଂଶ ଧନ ଉତ୍ତର ପୂର୍ବ ରାଜ୍ୟ ଯଥା ସିକିମ୍, ହିମାଞ୍ଚଳ ପ୍ରଦେଶ, ଉତ୍ତରାଞ୍ଚଳ, ଜାମ୍ମୁ କାଶ୍ମୀର ଓ ଝାଡଖଣ୍ଡ ପାଇଁ ଭାରତ ସରକାରଙ୍କର ଅଂଶଧନ ୯୦ ପ୍ରତିଶତ ହୋଇଥିବା ବେଳେ ରାଜ୍ୟ ସରକାର ୫ ପ୍ରତିଶତ ବହନ କରନ୍ତି ଆଉ ୫ ପ୍ରତିଶତ ନିଜେ ବୁଣାକାର ବା ପ୍ରଣୟନ କାରୀ ସଂସ୍ଥା ବହନ କରିଥାଆନ୍ତି । ଏଥିପାଇଁ ପ୍ରସ୍ତାବ ଚିଠା ପ୍ରସ୍ତୁତ କରାଯାଇଥାଏ ଏବଂ ଏହାକୁ ବୁଣାକାରଙ୍କ ପ୍ରକୃତ ଦରକାରକୁ ଉପଲବ୍ଧ କରି ଅନୁମତି ଦିଆଯାଇଥାଏ । ଏହି ବାବଦରେ ଏକ ନଥିପତ୍ର ଆନେକ୍ସ-କ-୨ ରେ ଦିଆଯାଇଅଛି ।

**କ-୩.୮-୨ : କର୍ମଶାଳା ଗଠନ :**

**କର୍ମଶାଳା ବନାଇବା ପାଇଁ ଦିଆଯାଉଥବା ରାଶିର ବଣ୍ଟନ ଏହି ପ୍ରକାର :**

| ବିଭାଗ | ପ୍ରତି କାର୍ଯ୍ୟଶାଳାର ମାପ | ସାହାଯ୍ୟ ରାଶି |
|---|---|---|
| କର୍ମଶାଳା ଗଠନ | ୨୦ ବର୍ଗ ମିଟର | ୨୫୦୦୦/- ଟଙ୍କା |

ଏହି ନମିନ୍ତେ ଭାରତ ସରକାରଙ୍କ ତରଫରୁ ସୀମୀତ ଖର୍ଚ୍ଚ ବହନ କରାଯାଇଥାଏ । ଅବଶିଷ୍ଟାଂଶ ଅର୍ଥ ରାଜ୍ୟ ସରକାର କିମ୍ବା ପୟଣୟନକାରୀ ସଂସ୍ଥା କିମ୍ବା ନିଜେ ହିତାଧିକାରୀ ବା ଋଣ ମାଧମରେ ଅର୍ଥ ସଂଗ୍ରହ କରାଯାଇ ଥାଏ । ଏହି ବିଭାଗ ଖର୍ଚ୍ଚ ପାଇଁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବୁଣାକାରଙ୍କୁ ଅଗ୍ରାଧିକାର ଦିଆଯିବ । ଘର ତିଆରି ପାଇଁ ଇନ୍ଦିରାଆୱାସ ଯୋଜନାକୁ ବ୍ୟବହାର କରି ନିଜର ଘର ତିଆରି କରାଇପାରିବେ । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବୁଣାକାର ଶହ ପ୍ରତିଶତ ଭାରତ ସରକାରଙ୍କ ଅର୍ଥ ୨୫୦୦୦/- ଟଙ୍କା ଖର୍ଚ୍ଚ କରି ଏହି ଘର ବନାଇ ପାରିବେ । ଏତଦ୍ ବ୍ୟତିତ ଅନ୍ୟ ବୁଣାକାର ମାନେ ଭାରତ ସରକାରଙ୍କର ୭୫ ପ୍ରତିଶତ ଅଂଶ ଦନ ଯଥା ୧୮୭୫୦/- ଟଙ୍କା ନେଇ ଅନ୍ୟ ଖର୍ଚ୍ଚ ନିଜେ ହିତାଧିକାରୀ ବା ରାଜ୍ୟ ସରକାର ବହନ କରି କାର୍ଯ୍ୟଶାଳା ନିର୍ମାଣ କରାଯାଇଥାଏ । ଘର ଯେଉଁ ସ୍ଥାନରେ କରାଯିବ, ସେହି ଜମି ବୁଣାକାର ନାମରେ ହୋଇଥିବା ଆବଶ୍ୟକ ଏବଂ ଏବାବଦରେ ପ୍ରମାଣପତ୍ର ନେବା ଆବଶ୍ୟକ ଅଟେ ।

**କ.୩-୮.୩ - ଦକ୍ଷାତା ଅଭିବର୍ଦ୍ଧନ**

ହସ୍ତତନ୍ତ କ୍ଷେତ୍ରରେ ତାଲିମ ବଜାର ଜନିତ ଉତ୍ପାଦନ କରାଇବା ପାଇଁ ତାଲିମ ଦେବା ଓ ତାଲିମର ପୁନରାବୃତ୍ତି କରାଇବା ହେଉଛି ସବୁଠୁ ଏକ କଷ୍ଟ ସାଧକାମ । ଏହି ଯୋଜନା ଦକ୍ଷତା ବୃଦ୍ଧି କରାଇବା ପାଇଁ ସବୁଠୁ ବଢିଆ ଉପଯୋଗ ଏବଂ ଏଥିରେ ଉଭୟ ପରିଚାଳନା ଜନିତ ଓ କୌଶଳଗତ ଦକ୍ଷତା ବୃଦ୍ଧି ପାଇଁ ସାହାଯ୍ୟ ଦିଆଯାଇଥାଏ । ଏଥି ପାଇଁ ୨୦ ଜଣ ବୁଣାକାରଙ୍କୁ ଏକତ୍ରିତ କରାଯାଇପାରିବ, ଯେଉଁଥିପାଇଁ ଭାରତ ସରକାର ଶହ ପ୍ରତିଶତ ଅର୍ଥ ସାହାର୍ଯ୍ୟ ଦେଇଥାଆନ୍ତି । ଏଥିରେ ନିମ୍ନ ଲିଖିତ ଯୋଜନା ମାନ ଅନ୍ତର୍ଭୁକ୍ତ କରାଯାଇ ପାରିବା ।

କ) ବୁଣାବୁଣି ବାବଦରେ ୩,୦୦,୦୦୦/- ଟଙ୍କା ପ୍ରତିଥର ପାଇଁ

ଖ) ରଙ୍ଗ ଜନିତ ଶିକ୍ଷା ୧,୦୦,୦୦୦/- ଟଙ୍କା ପ୍ରତିବ୍ୟାଚ ପାଇଁ

ଗ) ଡିଜାଇନ୍ ଶିକ୍ଷା ୫୦,୦୦୦/- ଟଙ୍କା ପ୍ରତିବ୍ୟାଚ ପାଇଁ

ଘ) ପରିଚାଳନା ଜନିତ କାର୍ଯ୍ୟଶାଳା ୨୫୦୦୦/- ଟଙ୍କା ୫୦ ଜଣଙ୍କୁ ତାଲିମ ଦେବାପାଇଁ ଖର୍ଚ୍ଚ କରାଯାଏ ଯେଉଁଥିରେ ସ୍ୱୟଂସହାୟକ ଗୋଷ୍ଠୀ, ସମବାୟ ସମିତି ଆଦିର ପରିଚାଳନା କରୁଥିବା ବ୍ୟକ୍ତିଙ୍କ ପାଇଁ ଏହାପ୍ରଜୁର୍ଯ୍ୟ।

ମୋଟ ପରିଯୋଜନା ଖର୍ଚ୍ଚର ୧୫ ଶତକଡାରୁ ଅଧିକ ତାଲିମ ଓ ଦକ୍ଷତା ବୃଦ୍ଧି ବାବଦରେ ହୋଇପାରିବ ନାହିଁ। ଏହି କାର୍ଯ୍ୟକ୍ରମ ବୁଣାକାରମାନଙ୍କ ପାଇଁ ପଞ୍ଜିକୃତ ଅଞ୍ଚଳର ପ୍ରଣୟନକାରୀ ସଂସ୍ଥାହିଁ କରାଇପାରିବେ ।

| କ୍ର.ନଂ. | କାର୍ଯ୍ୟକ୍ରମ | ଆର୍ଥିକ ସାହାର୍ଯ୍ୟପ୍ରତି ବୁଣାକାର ପାଇଁ | ଭାରତ ସରକାରଙ୍କ ଅଂଶ/ ରାଜ୍ୟ ସରକାରଙ୍କ ହିତାଧିକାରୀ |
|---|---|---|---|
| କ) | ମୌଳିକ ସୁବିଧା | ଏକକାଳୀନ ଭିତ୍ତିରେ ୬୦୦୦ଟଙ୍କା ସ୍ୱଳ୍ପ ରାଶି ନିମନ୍ତେ (ମାର୍ଜିନ ମନି) | ୭୦:୨୦:୧୦ |
| | | ଏକକାଳିନ ଭିତ୍ତିରେ ୮୦୦୦/-ଟଙ୍କା ନୂଆ ତନ୍ତ କିଣିବା ନିମନ୍ତେ | ୭୦:୨୦:୧୦ |
| | | ଏକକାଳୀନ ଭିତ୍ତରେ ୪,୦୦୦/- ଟଙ୍କା ଡ଼ବି କିଣିବା ପାଇଁ । | ୭୦:୨୦:୧୦ |
| | | ଏକକାଳୀନ ଭିତ୍ତିରେ ୬,୦୦୦/- ଟଙ୍କା ଜାକାର୍ଡ କିଣିବା ପାଇଁ । | ୭୦:୨୦:୧୦ |
| | | ଏକକାଳୀନ ୨୦୦୦/-ଟଙ୍କା କରି ପ୍ରତ୍ୟେକ ବୁଣାକାର ପାଇଁ ତନ୍ତ ସରଞ୍ଜାମ ନିମନ୍ତେ | ୭୦:୨୦:୧୦ |
| ଖ) | କାର୍ଯ୍ୟଶାଳା ପ୍ରସ୍ତୁତ କରିବା | ଦାରିଦ୍ର୍ୟ ସୀମାରେଖା ତଳେ ବୁଣାକାର ପାଇଁ ୨୫,୦୦୦ ଭାରତ ସରକାରଙ୍କ ତରଫରୁ ୨୦ ବର୍ଗ ମି. କାର୍ଯ୍ୟଶାଳା ବନାଇବା ପାଇଁ ଅନ୍ୟ ବୁଣାକାର ପାଇଁ ୭୫ ପ୍ରତିଶତ ଯଥା - ୧୮,୭୫୦/- ଟଙ୍କା | ଅଧିକା ରାଶ ରାଜ୍ୟ ସରକାର ବା ହିତାଧିକାରୀ ବହନ କରିବେ । |
| ଗ) | ଦକ୍ଷତା ବୃଦ୍ଧି(ମୋଟ୍ ପରିଯୋଜନାର ୧୫ ପ୍ରତିଶତ ରାଶୀ | ପ୍ରତି ୨୦ ଜଣ ତାଲିମ ଦେବାପାଇଁ ୩ ଲକ୍ଷ ବୁଣାବୁଣି କାର୍ଯ୍ୟପାଇଁ ୧ ଲକ୍ଷ ରଙ୍ଗକାର୍ଯ୍ୟ ନିମନ୍ତେ ୫୦ ହଜାର ଡିଜାଇନ କାର୍ଯ୍ୟ ନିମନ୍ତେ ୨୫ ହଜାର ପରିଚାଳନା ଜନିତ ତାଲିମ ପାଇଁ ଯେଉଁଥିରେ ପ୍ରତି ଥରରେ ୫୦ ଜଣ ତାଲିମ ଦେବା ଦରକାର । | ଶତ ପ୍ରତିଶତ ଭାରତ ସରକାରଙ୍କର |

**ମନ୍ତବ୍ୟ :** ଉପରୋକ୍ତ ଆର୍ଥିକ ସାହାର୍ଯ୍ୟ ମଧ୍ୟରୁ କ୍ର.ନି. (କ) ଏବଂ (ଖ) ରେ ଥିବା ରାଶି ଭାରତ ସରକାର ରାଜ୍ୟ ସରକାରଙ୍କ ମାଧମରେ ପ୍ରଣୟନ ସଂସ୍ଥାକୁ ଦେଇଥାଆନ୍ତି ।

**କ.୪-୪ ସାହାଯ୍ୟ ପରିମାଣ:** ପଞ୍ଜିକୃତ ଅଞ୍ଚଳର ଦରକାରକୁ ଲକ୍ଷରଖି ବୈଷୟିକ ଓ ଆର୍ଥିକ ଏବଂ ପରିଚାଳନା ଜନିତ ଦକ୍ଷତାକୁ ଆଧାର କରି ପଞ୍ଜିକୃତ ଅଞ୍ଚଳରେ ପରିଯୋଜନା ସର୍ବମୋଟ ଅଟକଳ ୬୦ ଲକ୍ଷରୁ ଅଧିକ ହୋଇ ପାରିବ ନାହିଁ । ଏଥିରେ ଉଭୟ ଭାରତ ସରକାର, ରାଜ୍ୟ ସରକାର ପ୍ରଣୟନକାରୀ ସଂସ୍ଥା ଓ ହିତାଧିକାରୀଙ୍କର ୩ ବର୍ଷ ମଧ୍ୟରେ ସମସ୍ତ ଖର୍ଚ୍ଚକୁ ମିଶାଇ ୬୦ଲକ୍ଷ ଭିତରେ ସୀମିତ ହେବା ଉଚିତ୍।

**କ)୫-୪ ରାଜ୍ୟସ୍ତରୀୟ ପରିଯୋଜନା କମିଟି (ଏସ୍.ଏଲ୍.ପି.ସି) :** ଯେଉଁଥିରେ ରାଜ୍ୟହସ୍ତତନ୍ତ କମିଶନର ବା ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶକ ମୁଖ୍ୟ ହୋଇଥିବା ବେଳେ, ସରକାରୀ ସଂସ୍ଥା, ନାମୀ ରପ୍ତାନୀକାରୀ, ସ୍ୱୟଂ ସହାୟକ ଗୋଷ୍ଠି ବୁଣାକାର ସେବାକେନ୍ଦ୍ରର ଅଧିକାରୀ, ରାଜ୍ୟ ହସ୍ତତନ୍ତ ଶୀର୍ଷ ସମିତି ଇତ୍ୟାଦି ଏଥିରେ ସଦସ୍ୟ ହୋଇଥାଆନ୍ତି । ଏହି ରାଜ୍ୟ ପରିଯୋଜନା ମିଳିତ ପରିଯୋଜନାର କାର୍ଯ୍ୟକାରିଣୀ ପତ୍ର, ଭବିଷ୍ୟତ କାର୍ଯ୍ୟକ୍ରମର ଅସ୍ତିତ୍ୱ ପରିଦୃଷ୍ଟି କରାଇବା ଓ ଯୋଜନାର ମୂଲ୍ୟାଙ୍କନ ଆଦି କରାଇଥାଆନ୍ତି ।

**କ)୬-୪ ପ୍ରଣୟନକାରୀ ସଂସ୍ଥା :** ରାଜ୍ୟ ସରକାର ଓ କେନ୍ଦ୍ରାଞ୍ଚଳ ମାନେ ବିଭିନ୍ନ ବେସରକାରୀ ସଂସ୍ଥା, କୌଣସି ତନ୍ତୁବାୟ ସମିତି, ତନ୍ତୁବାୟ ଶୀର୍ଷ ସମିତି, ସ୍ୱୟଂ ସହାୟକ ସଂସ୍ଥା ଏବଂ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ବା ସେହି ସମ୍ପର୍କୀତ ସଂସ୍ଥାମାନଙ୍କ ଠାରୁ ଏହି ପ୍ରସ୍ତାବ ଗ୍ରହଣ କରିବାପରେ ଏହାର ସ୍ୱୀକୃତି ଚିଠା ଦେଇ ହସ୍ତତନ୍ତ ଉନ୍ନୟନ କମିଶନରଙ୍କ ନିକଟକୁ ପଠାଇ ଦେଇଥାଆନ୍ତି । ବିଭିନ୍ନ ବେସରକାରୀ ସଂସ୍ଥାମାନଙ୍କର ଦକ୍ଷତା ଗଣନା କରାଯାଏ ଏବଂ ଏ ଦକ୍ଷତା ପାଇଁ ପ୍ରୋଫର୍ମା ଆନେକ୍ସର-କ-୪ ରେ ଉଲ୍ଲେଖ କରାଯାଇଅଛି । ସେହି ବେସରକାରୀ ସଂସ୍ଥାମାନେ ପ୍ରଣୟନକାରୀ ସଂସ୍ଥା ରୁପେ ଯୋଗ୍ୟ ବିବେଚିତ ହେବେ, ଯେଉଁମାନେ ୧୦୦ରୁ ଅତିକମ୍ ୬୦ ନମ୍ବର ରଖିବେ । ପ୍ରଣୟନକାରୀ ସଂସ୍ଥାମାନଙ୍କର ବିଭିନ୍ନ ଦାୟିତ୍ୱମାନ ହେଲା :-

୧) ପଞ୍ଜିକୃତ ଅଞ୍ଚଳ ଉନ୍ନୟନ ଅଧିକାରୀ ସ୍ଥିର କରିବା

୨) ପଞ୍ଜିକୃତ ଅଞ୍ଚଳ ଉନ୍ନୟନ ଅଧିକାରୀଙ୍କ ତାଲିମ ନିମନ୍ତେ
ରାଜ୍ୟ ସରକାର ଓ ରାଜ୍ୟ ପରିଯୋଜନା କମିଟି ସହିତ କଥାବାର୍ତ୍ତା କରିବା

୩) ଆଧାର ଅଧ୍ୟୟନ ଓ ତର୍ଜମା ଜନିତ ଅଧ୍ୟୟନ କରାଇବା ।

୪) ପଞ୍ଜିକୃତ ଅଞ୍ଚଳ ଉନ୍ନୟନ ଅଧିକାରୀଙ୍କ ତର୍ଜମା ଜନିତ ଅଧ୍ୟୟନକୁ ଆଧାରକରି କାର୍ଯ୍ୟାବଳୀ ନିର୍ଦ୍ଧାରଣ କରାଯାଏ, ଯେଉଁଥିରେ ବିଭିନ୍ନ ସଂସ୍ଥାମାନଙ୍କର କଣ ଦାୟିତ୍ୱ ରହିବ କେତେ ଜଣ ବୁଣାକାର କେଉଁ କାର୍ଯ୍ୟକ୍ରମରେ ଉପକୃତ ହେବେ, ଶେଷରେ ଏହାର ଫଳ କଣ ମିଳିବ, ଇତ୍ୟାଦିର ବାର୍ଷିକ ଯୋଜନା ବନାଇ ରାଜ୍ୟ ପରିଯୋଜନା କମିଟିକୁ ସ୍ୱୀକୃତି ନିମନ୍ତେ ପଠାଇବା।

୫) ପରିଯୋଜନାରେ ଉଲ୍ଲିଖିତ ସମୟକାଳ ଭିତରେ ବିଭିନ୍ନ କାର୍ଯ୍ୟକ୍ରମମାନଙ୍କୁ ପ୍ରଣୟନ କରି ଶେଷ କରାଇବା ।

୬) ବାସ୍ତବ ଓ ଆର୍ଥିକ ଜନିତ ଉନ୍ନତି ବିବରଣୀମାନ ବିଭିନ୍ନ ସମୟରେ ପ୍ରସ୍ତୁତ କରାଇବା ଓ ଏହାକୁ ରାଜ୍ୟ ସରକାରଙ୍କର ଗୋଚରାର୍ଥେ ପାଇଁ ଦାଖଲ କରିବା।

**କ.୭ ପଞ୍ଜିକୃତ ଅଞ୍ଚଳ ଉନ୍ନୟନ ଜନିତ ପରିଯୋଜନାର ସମୟସୀମା :**

ଏହି ଯୋଜନାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ୩ ବର୍ଷ ସମୟସୀମା ନିର୍ଦ୍ଧାରଣ କରାଯାଉଛି ।

**କ.୮ ପ୍ରସ୍ତାବ ପତ୍ର ଜମା କରିବା ଏବଂ ଆର୍ଥିକ ସାହାଯ୍ୟ ପାଇବା :**

କ.୮.୧-ପ୍ରାଥମିକ ପ୍ରସ୍ତାବ ପତ୍ର ହେଉଛି ଆଧାର ଅଧ୍ୟୟନ ଓ ତର୍ଜମା ଅଧ୍ୟୟନ । ପ୍ରତି ପଞ୍ଜିକୃତ ଅଞ୍ଚଳର ଉନ୍ନତି ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଅର୍ଥରାଶିକୁ ବ୍ୟବହାର କରି ରାଜ୍ୟ ସରକାର ଓ ପ୍ରଣୟନକାରୀ ସଂସ୍ଥା ଏହାକୁ ଏକ ଯୋଜନା ମାଧ୍ୟମରେ ଚଳାଇ ଥାଆନ୍ତି । ରାଜ୍ୟ ସରକାର ପ୍ରଣୟନକାରୀ ସଂସ୍ଥାଙ୍କଠାରୁ ପ୍ରସ୍ତାବପତ୍ର ମଗାଇଥାଆନ୍ତି । ଆଧାର ଅଧ୍ୟୟନ ଓ ତର୍ଜମା ଜନିତ ଅଧ୍ୟୟନ ପାଇଁ ଏବଂ ଏହା ରାଜ୍ୟ ଉନ୍ନୟନ କମିଟି ମାଧ୍ୟମରେ ଆଗତ କରାଇ ହସ୍ତତନ୍ତ ଉନ୍ନୟନ କମିଶନରଙ୍କ ପାଖକୁ ପଠାଯାଇଥାଏ । ହସ୍ତତନ୍ତ ଉନ୍ନୟନ କମିଶନର ଏହି ବାବଦକୁ ମୋଟ ଖର୍ଚ୍ଚର ୫୦ ଶତକଡା ଅର୍ଥଦେଇଥାଆନ୍ତି ଏବଂ ଏହା ରାଜ୍ୟ ସରକାରଙ୍କ ମାଧ୍ୟମରେ ପ୍ରଣୟନକାରୀ ସଂସ୍ଥାଙ୍କୁ ମିଳିଥାଏ । ଦେଇଥିବା ୫୦ ଶତକଡା ଅର୍ଥର ଉପଯୋଗିତା ପ୍ରମାଣପତ୍ର ରାଜ୍ୟଉନ୍ନୟନ କମିଟି ମାଧ୍ୟମରେ ସ୍ୱିକୃତି କରାଇ ହସ୍ତତନ୍ତ ଉନ୍ନୟନ କମିଶନରଙ୍କଠାରେ ଜମା କରାଯିବା ପରେ ରାଜ୍ୟ ସରକାରଙ୍କ ମାଧ୍ୟମରେ ବାକି ଅର୍ଥ ମିଳିଥାଏ । ଯେଉଁ ପଞ୍ଜିକୃତ ଅଞ୍ଚଳରେ ଆଧାର ଅଧ୍ୟୟନ ଓ ତର୍ଜମା ଜନିତ ଅଧ୍ୟୟନ ସରିଯାଇଛି ସେଗୁଡିକ ମଧ୍ୟ ଏହି ପରିଯୋଜନାରେ ଗ୍ରହଣ କରାଯାଇଥାଏ ।

କ.୮.୨- ପରିଯୋଜନାର ବିବରଣୀ ଓ ଭବିଷ୍ୟତ କାର୍ଯ୍ୟାବଳୀ ଜମା କରାଇବା ଏ ଏଥି ନିମନ୍ତେ ଆର୍ଥିକ ସାହାଯ୍ୟ ପାଇବା ।

ପରିଯୋଜନାର ଆଧାର ଓ ତର୍ଜମା ଜନିତ ଅଧ୍ୟୟକୁ ଆଧାରକରି ପ୍ରଥମ ବର୍ଷ ପାଇଁ କାର୍ଯ୍ୟଧାର ପ୍ରସ୍ତୁତ କରାଯାଏ (ପ୍ରୋଫର୍ମା କ-୩) । ଏହି ପରିଯୋଜନା ବିବରଣୀ ରାଜ୍ୟସ୍ତରୀୟ ଯୋଜନା କମିଟି ଅଧ୍ୟୟନ ଓ ତର୍ଜମା କରିଥାଆନ୍ତି । ଏଥିରେ ଯେଉଁ କାର୍ଯ୍ୟାଳବୀ ଗୁଡିକ ବାସ୍ତବିକ ଓ ବୁଣାକାରମାନଙ୍କର ସାମାଜିକ - ଅର୍ଥ ନୈତିକ ଦୃଷ୍ଟିକୋଣରୁ ଉଦ୍ଧିଷ୍ଟ ହୋଇଥାଏ, ସେହି କାର୍ଯ୍ୟକଳାପ ଗୁଡିକ ରାଜ୍ୟ ପରିଯୋଜନା ସମିତି ଗ୍ରହଣ କରି ହସ୍ତତନ୍ତ କମିଶନରଙ୍କ ପାଖକୁ ସ୍ୱିକୃତିପ୍ରାପ୍ତ ପାଇଁ ପଠାଇଥାଏ । ଏହି ପରିଯୋଜନାକୁ ହସ୍ତତନ୍ତ କମିଶନରଙ୍କ ତରଫରୁ ପୁନଶ୍ଚ ତର୍ଜମା କରାଯାଇଥାଏ ଓ ତାହାପରେ ମୋଟ ଖର୍ଚ୍ଚ ହେଉଥିବା ଖର୍ଚ୍ଚର ୩୦ ପ୍ରତିଶତ ଅର୍ଥରାଶି ପ୍ରଥମ ପର୍ଯ୍ୟାୟରେ ୪୦ ପ୍ରତିଶତ ରାଶି ୨ୟ ପର୍ଯ୍ୟାୟରେ ଓ ବାକିତକ ରାଶି ତୃତୀୟ ପର୍ଯ୍ୟାୟରେ ପ୍ରଣୟନକାରୀ ସଂସ୍ଥାକୁ ଦେଇଥାଆନ୍ତି । ଭାରତ ସରକାରଙ୍କର ଅଂଶ ରାଶି ପ୍ରଣୟନକାରୀ ସଂସ୍ଥାକୁ ରାଜ୍ୟ ସରକାରଙ୍କ ମାଧ୍ୟମରେ ଦିଆଯାଏ କିନ୍ତୁ ଏହା ରାଜ୍ୟ ସରକାରଙ୍କର ଅନୁମତି ଓ ପ୍ରଣୟନକାରୀ ସଂସ୍ଥାଙ୍କ ତରଫରୁ ସଠିକ ନଥିପତ୍ର ଓ ହିସାବ ନିକାଶର ଏକ ବିବରଣୀ ସାଧାରଣ ଆର୍ଥିକ ନିୟମ ଉପରେ ଆଧାରିତ ହୋଇଥିବା ଦରକାର । ରାଜ୍ୟ ସରକାର ମଧ୍ୟ ଆଧାର ଓ ତର୍ଜମା ଜନିତ ଅଧ୍ୟୟନ ପାଇଁ ଏକ ପ୍ରସ୍ତାବପତ୍ର ଓ କାର୍ଯ୍ୟକ୍ରମର କାର୍ଯ୍ୟାବଳୀ ଇତ୍ୟାଦି ବାବଦରେ ହସ୍ତତନ୍ତ ଉନ୍ନୟନ କମିଶନରଙ୍କ ପାଖକୁ ପଠାଇ ପାରିବେ । ମୋଟ ଅଟକଳ ଖର୍ଚ୍ଚର ୩୦ ଶତକଡା ଭାଗ ରାଶି ପ୍ରଥମ ପର୍ଯ୍ୟାୟରେ ଭାରତ ସରକାରଙ୍କ ତରଫରୁ ମଧ ଦିଆଯାଇଥାଏ ।

## ଅଂଶ - ଖ

## ହସ୍ତତନ୍ତ ବୁଣାକାରଙ୍କ ପାଇଁ ଗୋଷ୍ଠୀ ଉନ୍ନୟନ ଯୋଜନା

ଯେଉଁ ବୁଣାକାରମାନେ ସମନ୍ୱିତ ହସ୍ତତନ୍ତ ଉନ୍ନୟନ ଯୋଜନା (କ୍ଲଷ୍ଟର) ମାଧମରେ ଉପକୃତ ହୋଇନଥାନ୍ତି ତେବେ ସେମାନେ ରହୁଥିବା ଗ୍ରାମ, ସାହି, ବ୍ଲକ ଆଦି ଅଞ୍ଚଳକୁ ନେଇ ଗୋଷ୍ଠୀ ଉନ୍ନୟନ ଯୋଜନା ମାଧମରେ ଉପକୃତ ହୋଇପାରିବେ ।

**ଖ) ଗୋଷ୍ଠିବଦ୍ଧ ହସ୍ତତନ୍ତ ଉନ୍ନୟନ :**

ପ୍ରତି ଗୋଷ୍ଠିରେ ଅତିକମ୍‌ରେ ୧୦ ଜଣ ବା ତଦୁର୍ଦ୍ଧବୁଣାକାର ରହିବେ ଓ ଏହା ସ୍ୱୟଂ ସହାୟକ ଗୋଷ୍ଠି, ତନ୍ତୁବାୟ ସମିତି ବା କୌଣସି ବ୍ୟକ୍ତିଗତ ବୁଣାକାରମାନଙ୍କର ସମିଶ୍ରଣ ଗୋଷ୍ଠୀ ମାଧମରେ ହୋଇପାରିବ । ରାଜ୍ୟ ହସ୍ତତନ୍ତ ବିଭାଗ ତରଫରୁ ଏହି ଅଞ୍ଚଳରେ ଆଧାର ଓ ତର୍ଜମାକୁ ଆଧାରକରି ସେହି ଗୋଷ୍ଠିମାନଙ୍କର ସୁବିଧା ଅସୁବିଧାକୁ ବିଚାର କରି ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟାବଳୀ ପ୍ରସ୍ତୁତ କରିବେ ଏବଂ ଏହା ରାଜ୍ୟ ପରିଯୋଜନା କମିଟିର ସ୍ୱୀକୃତି ପାଇବା ପରେ ହସ୍ତତନ୍ତ ଉନ୍ନୟନ  କମିଶନରଙ୍କ ପାଖକୁ ପାଣ୍ଠି ମୁକ୍ତି ନିମନ୍ତେ ପଠାଯାଇଥାନ୍ତି । ଏ ପ୍ରସ୍ତାବକୁ ପୁଙ୍ଖାନୁପୁଙ୍ଖ ଅନୁଧାନ କରି ଯେଉଁ ସବୁ ପାଇବାଯୋଗ୍ୟ ଗୋଷ୍ଠୀ ନିମନ୍ତେ ହସ୍ତତନ୍ତ୍ର ଉନ୍ନୟ୍ୟନ କମିସନର ରାଶି ନେଇଥାନ୍ତି ।

୧. **ମୌଳିକ ସରଞ୍ଜାମ :** ତନ୍ତ, ତନ୍ତ ସରଞ୍ଜାମ ଯଥା ଡ଼ିବି, ଜାକାର୍ଡ ଓ ଅନ୍ୟାନ୍ୟ ତନ୍ତୋପକରଣ ଏ ଯୋଜନା ମାଧମରେ ବ୍ୟକ୍ତିଗତ ବୁଣାକାରଙ୍କୁ ଦିଆଯାଇଥାଏ । ଯେଉଁ ବୁଣାକାରମାନେ ବ୍ୟାଙ୍କରୁ ନିଜସ୍ୱ ଅଥବା ସମବାୟ ସମିତି/ସ୍ୱୟଂସହାୟକ ଗୋଷ୍ଠୀ/ମହାଜନ ମାଧମରେ ଋଣ ବ୍ୟବସ୍ଥା କରିଥାନ୍ତି, ସେମାନଙ୍କୁ ଏ ଯୋଜନାରେ ମାର୍ଜିନ ମନି ମିଳିଥାଏ ।

୨. **ବୁଣା, ରଙ୍ଗ, ଡ଼ିଜାଇନ ଅଥବା ପରିଚାଳନାଗତ ତାଲିମ୍ :**

ପ୍ରାଥମିକ ବୁଣାକାର ସମିତି/ସ୍ୱୟଂସହାୟକ ଗୋଷ୍ଠି/କନ୍‌ସୋଟିଆ/ମହାଜନଙ୍କ ପାଖରେ କାମକରୁଥିବା ବୁଣାକାରମାନଙ୍କୁ ଉନ୍ନତ ବୁଣା, ରଙ୍ଗ, ଡ଼ିଜାଇନ୍ ଓ ପରିଚାଳନା ପାଇଁ ତାଲିମ ଦିଆଯାଏ ଯାହାକି ବୁଣାକାର ସେବାକେନ୍ଦ୍ର ମାଧମରେ ହୁଏ । ତାଲିମ୍‌ର ସଂପୂର୍ଣ୍ଣ ବିବରଣୀ ପରେ ଦିଆଯାଇଛି । ଯଦି ଏସବୁ ତାଲିମ ବୈଷୟିକ ହୋଇଥାଏ ଏବଂ ବୁଣାକାର ସେବାକେନ୍ଦ୍ର ମାଧମରେ ହେବ, ତେବେ ଏଥି ନିମିତ୍ତ ଆବଶ୍ୟକ ଅର୍ଥ ରାଜ୍ୟସରକାରଙ୍କ ମାଧମରେ ମିଳିଥାଏ ।

୩. ଯଦି କୌଣସି ବୁଣାକାର ନିଜର ତନ୍ତଶାଳା ନଥିବାରୁ ମହାଜନ/ସମିତିର ତନ୍ତଶାଳାରେ କାମ କରୁଥାନ୍ତି ତେବେ ସେମାନଙ୍କୁ କର୍ମଶାଳା ନିର୍ମାଣ ପାଇଁ ଅର୍ଥ ଦିଆଯାଇଥାଏ । ରାଜ୍ୟ ହସ୍ତତନ୍ତ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସ୍ୱୟଂସହାୟକ ଗୋଷ୍ଠୀ/ତନ୍ତୁବାୟ ସମିତି ଏବଂ ବ୍ୟକ୍ତିଗତ ବୁଣାକାର ମାନଙ୍କୁ (୧୦ଜଣ ଗୋଷ୍ଠୀ) ଏ ଯୋଜନାରେ ସାହାଯ୍ୟ କରାଯାଇଥାଏ । ଯାହାକି ନିମ୍ନରେ ଦିଆଗଲା ।

| ବିବରଣୀ | ଘର ପରିମାଣ | ସହାୟତା ରାଶି |
|---|---|---|
| କର୍ମାଳା ନର୍ମାଣ | ୨୦ ବର୍ଗ ମିଟର | ଟ.୨୫୦୦୦/- ଙ୍କା |

ଉପରୋକ୍ତ ସହାୟତା ଭାରତ ସରକାରଙ୍କ ଅଟେ ଏବଂ ଏହା ବ୍ୟତୀତ ଅଧିକ ଖର୍ଚ୍ଚ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ / ବୁଣାକରଙ୍କ ନିଜସ୍ୱ ପାଣ୍ଠି/ଅର୍ଥଯୋଗାଣକାରୀ ସଂସ୍ଥା ମାନଙ୍କରୁ ଋଣ

ଆକାରରେ ଖର୍ଚ୍ଚ କରାଯାଇପାରିବ। ଯେଉଁ ବୁଣାକାରମାନେ ଦାରିଦ୍ର୍ୟ ସୀମାରେଖା ତଳେ ଥିବେ ସେମାନଙ୍କୁ ଏ ଯୋଜନାରେ ଅଗ୍ରାଧିକାର ଦିଆଯିବ। ଘର ନିର୍ମାଣ ପାଇଁ ବୁଣାକାରମାନେ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଯୋଜନା ମାଧ୍ୟମରେ ଇନ୍ଦିରା ଆବାସ ଯୋଜନାରୁ ସହାୟତା ପାଇଥିଲେ ମଧ୍ୟ ତନ୍ତଶାଳା ନିର୍ମାଣ ପାଇଁ ଏ ଯୋଜନାରୁ ସାହାଯ୍ୟ ପାଇପାରିବେ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବୁଣାକାରମାନେ ସାହାଯ୍ୟ ପାଇବା ପରେ ଅନ୍ୟ ବୁଣାକାରମାନଙ୍କୁ ସାହାଯ୍ୟ ଦିଆଯାଇପାରେ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବୁଣାକାର ମାନଙ୍କ ପାଇଁ ସଂପୂର୍ଣ୍ଣ ଟ.୨୫୦୦୦/-ଙ୍କା କେନ୍ଦ୍ର ସରକାର ସହାୟତା ହିସାବରେ ଦେଇଥାନ୍ତି ଓ ଅନ୍ୟମାନଙ୍କୁ ୭୫% ଅର୍ଥାତ୍ ଟ.୧୮,୫୦୦/-ଙ୍କା ହିସାବରେ ସହାୟତା ମିଳିଥାଏ। ଅବଶିଷ୍ଟ ଆବଶ୍ୟକ ଅର୍ଥ ରାଜ୍ୟସରକାର ଅଥବା ବୁଣାକାର ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରିଥାଏ। ଏ ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିବା ଗୋଷ୍ଠୀକୁ -

୧. ସୂତା, ରଙ୍ଗ ଓ ରାସାୟନିକ ଯୋଗାଣ ପ୍ରକ୍ରିୟା ଜାତୀୟ ହସ୍ତତନ୍ତ ଉନ୍ନୟନ ନିଗମ ମାଧ୍ୟମରେ କରାଯାଇପାରିବ।

୨. ଉତ୍ପାଦିତ ହସ୍ତତନ୍ତ ବସ୍ତ୍ରର ବିକ୍ରିବଟା ପାଇଁ ବିଭିନ୍ନ ଜିଲ୍ଲାସ୍ତରୀୟ ହସ୍ତତନ୍ତ ମେଳା, ହସ୍ତତନ୍ତ ହାଟ, ଜାତୀୟ କିମ୍ବା ସ୍ୱତନ୍ତ୍ର ହସ୍ତତନ୍ତ ପ୍ରଦର୍ଶନୀ, ଶିଳ୍ପମେଳା କିମ୍ବା ରପ୍ତାନୀଯୋଗ୍ୟ ଯୋଜନା ମାଧ୍ୟମରେ କରାଯାଇଥାଏ।

୩. ବୁଣାକାର ସେବା କେନ୍ଦ୍ର ଦ୍ୱାରା ଡ଼ିଜାଇନ ସହାୟତା ଦିଆଯାଇଥାଏ।

# ବିଭିନ୍ନ କାର୍ଯ୍ୟାବଳୀ ନିମନ୍ତେ ଅର୍ଥରାଶିର ପରିମାଣ

| କ୍ର.ନଂ. | କାର୍ଯ୍ୟାବଳୀ | ପ୍ରତି ବୁଣାକାରପାଇଁ ଆର୍ଥିକ ସାହାର୍ଯ୍ୟ | ଭାରତ ସରକାର<br>ରାଜ୍ୟ ସରକାର ହିତାଧିକାରୀ ଓ ପ୍ରଣୟନକାରୀ ସଂସ୍ଥାମାନଙ୍କ ଅଂଶଧନ । |
|---|---|---|---|
| ୧. | ମୌଳିକ ସୁବିଧା | ଏକକାଳିନ ଭିତିରେ ୬୦୦୦/-ଟଙ୍କା ସ୍ୱଳ୍ପ କାଳିନ ସାହାର୍ଯ୍ୟ (ମାର୍ଜିନମନି) | ୭୦:୨୦:୧୦ |
| | | ୮୦୦୦/- ଟଙ୍କା ଏକ କାଳୀନ ଭିତ୍ତିରେ ନୂଆ ତନ୍ତ କ୍ରୟ ପାଇଁ | ୭୦:୨୦:୧୦ |
| | | ୪୦୦୦/- ଟଙ୍କା ଡ଼ବି ପାଇଁ ଏକ କାଳୀନ | ୭୦:୨୦:୧୦ |
| | | ୬୦୦୦/- ଟଙ୍କା ଏକକାଳୀନ ଜାକାର୍ଡ କ୍ରୟ ପାଇଁ । | ୭୦:୨୦:୧୦ |
| | | ୨୦୦୦/- ଟଙ୍କା ଏକକାଳୀନ ତନ୍ତ୍ର ସରଞ୍ଜାମ କ୍ରୟ ପାଇଁ । | ୭୦:୨୦:୧୦ |
| ୨. | ଦକ୍ଷତା ଅଭିବୃଦ୍ଧି ନିମନ୍ତେ | ପ୍ରତି ୨୦ ଜଣ ବୁଣାକାରଙ୍କ ତାଲିମ ନିମନ୍ତେ<br>୩ ଲକ୍ଷ ଟଙ୍କା ବୁଣାକାର୍ଯ୍ୟ ନିମନ୍ତେ<br>୧ ଲକ୍ଷ ଟଙ୍କା ରଙ୍ଗ କାର୍ଯ୍ୟ ନିମନ୍ତେ<br>୫୦ ହଜାର ଟଙ୍କା ଡ଼ିଜାଇନ୍<br>ଓ ୨୫୦୦୦ ଟଙ୍କା ପରିଚାଳନା ସମ୍ବନ୍ଧୀୟ<br>୫୦ ଜଣକୁ<br>ପ୍ରାପ୍ତ ପୁଣାକାର ପାଇଁ ପରିଚାଳନା ଗତ ତାଲିମ ନିମନ୍ତେ । | ଭାରତ ସରକାରଙ୍କର ୧୦୦ ପ୍ରତିଶତ ଅନୁଦାନ |
| ୩. | କାର୍ଯ୍ୟଶାଳା ଗଠନ | ୨୦ ବର୍ଗ ମିଟରର କାର୍ଯଶଳା ଗଠନ ନିମନ୍ତେ ୨୫ ହଜାର ଟଙ୍କା ଗରିବରେଖା ତଳେଥିବା ପ୍ରତି ବୁଣାକାରଙ୍କ ପାଇଁ ।<br>ମାତ୍ର ଗରିବ ରେଖାର ଉପରେ ଥିବା ଅନ୍ୟ ବୁଣାକାରଙ୍କ ପାଇଁ ୭୫ ପ୍ରତିଶତ ବା ୧୮୨୫୦ ଟଙ୍କା ଦିଆଯାଏ । | ଅଧିକ ରାଶି ରାଜ୍ୟସରକାର ବା ହିତାଧିକାରୀ ବହନ କରିବେ |

- ଏକ ପ୍ରମାଣପତ୍ର ବୁଣାକାରଙ୍କୁ ଦେବାକୁ ପଡିବ ଯେଉଁଠାରେ କାର୍ଯ୍ୟଶାଳା ନିର୍ମାଣ କରାଯିବ, ସେ ଜମି ବୁଣାକର ନାମରେ ଅଛି ।

**ମନ୍ତବ୍ୟ :**

କ) ସେହି ଉଦ୍ୟମ କରାଯିବା ଦରକାର, ଯାହାକି ଆର୍ôଥିକ ସାହାଯ୍ୟ କେବଳ ଦରକାର କରୁଥିବା ବୁଣାକାରମାନଙ୍କୁ ହିଁ ଦିଆଯାଏ।

ଖ) କ୍ର.ନଂ.୧ ଏବ ° ୩ ରେ ଥିବା ଅର୍ଥରାଶି ପ୍ରଣୟନକାରୀ ସଂସ୍ଥକୁ ରାଜ୍ୟ ସରକାରଙ୍କ ମାଧମରେ ମିଳିଥାଏ, ମାତ୍ର କ୍ର.ନଂ.୨ ରେ ଥିବା ଅର୍ଥରାଶି ସିଧା ସେହି ରାଜ୍ୟର ବୁଣାକାର ସେବା କେନ୍ଦ୍ରକୁ ଯୋଗାଇ ଦିଆଯାଇଥାଏ ।

ଗ) ଏଥିରେ ଥବା ଅଂଶ ରାଶି ଉତ୍ତରପୂର୍ବ ରାଜ୍ୟମାନେ, ହିମାଚଳ ପ୍ରଦେଶ, ଜାମ୍ମୁକାଶ୍ମୀର ଉତ୍ତରାଞ୍ଚଳ, ଛତିଶଗଡ ଓ ଝାଡଖଣ୍ଡ ପାଇଁ ୯୦ ଶତକଡା ଭାରତ ସରକାର, ୫% ରାଜ୍ୟ ସରକାର ୫% ହିତାଧିକାରୀବହନ କରିଥାଆନ୍ତି ।

**ଖ-୨ : ଗୋଷ୍ଠୀର ଉନ୍ନୟନ ପାଇଁ ପ୍ରଣୟନକାରୀ ସଂସ୍ଥା :**

ରାଜ୍ୟସରକାର ଅଧିନରେ ସହାୟକ ନିର୍ଦ୍ଦେଶକମାନେ ଆଧାର, ତର୍ଜମା ଓ ଅଧୟନ ମାଧମରେ ଦିଆଯାଇଥିବା ବିଭିନ୍ନ ଆର୍ôଥିକ ସାହାର୍ଯ୍ୟ ଓ କାର୍ଯ୍ୟକଳାପ ପ୍ରୋଫର୍ମା ଖ (୧) ଅନୁସାରେ ଏକ ସଂକ୍ଷିପ୍ତ ପରିଯୋଜନା ପ୍ରସ୍ତୁତ କରାଇଥାନ୍ତି। ଏହି ପ୍ରସ୍ତୁତ ବିରଣୀ ରାଜ୍ୟ ପରିଯୋଜନା କମିଟିରେ ଅନୁମୋଦିତ ହୋଇ ରାଜ୍ୟ ସରକାରଙ୍କ ମାଧମରେ ହସ୍ତତନ୍ତ ଉନ୍ନୟନ କମିଶନରଙ୍କ ପାଖକୁ ପଠାଯାଇଥାଏ । ଏହା ନଥି ଖ.-୨-୧, ଖ.୨-୨ ଏବଂ ଖ.୨-୩ରେ ଦର୍ଶାଯାଇଛି।

**ଖ-୩ : ଗୋଷ୍ଠିବଦ୍ଧ ପରିଯୋଜନାର ସ୍ୱିକୃତି ଓ ଅର୍ଥରାଶି ପ୍ରାପ୍ତି :**

ସରକାର ଅନୁମୋଦିତ ଯୋଜନାର ମୋଟ ପରିଯୋଜନା ରାଶିର ୭୫ ପ୍ରତିଶତ ପ୍ରଣୟନକାରୀ ସଂସ୍ଥାକୁ ରାଜ୍ୟ ସରକାରଙ୍କ ମାଧମରେ ଅଗ୍ରିମଆକାର ଦିଆଯାଇଥାଏ । ଯେବେ ଦିଆଯାଇଥିବା ୭୫ ପ୍ରତିଶତ ରାଶିର ଉପଯୋଗିତା ପ୍ରମାଣ ପତ୍ର ଓ ରାଜ୍ୟ ସରକାର ଓ ହିତାଧିକାରୀଙ୍କ ଦ୍ୱାରା ଅନୁପାତିକ ପ୍ରଦତ୍ତ ଅଂଶଧନର ପ୍ରମାଣପତ୍ର ସହିତ ହସ୍ତତନ୍ତ ଉନ୍ନୟନ କମିଶନରଙ୍କ ପାଖରେ ଜମା କରନ୍ତି । ସହାୟକ ନିର୍ଦ୍ଦେଶକ ଯୋଜନାର ଉନ୍ନତି, ଅଗ୍ରଗତି, ମୂଲ୍ୟାଙ୍କନ ଓ କାର୍ଯ୍ୟକ୍ରମର ଅନ୍ତିମ ବିବରଣୀ ଇତ୍ୟାଦି ରାଜ୍ୟସରକାରଙ୍କ ମାଧମରେ ହସ୍ତତନ୍ତ ଉନ୍ନୟନ କମିଶନରଙ୍କୁ ଜମା କରାଇଥାନ୍ତି। ଦକ୍ଷତା ଅଭିବୃଦ୍ଧି ନିମନ୍ତେ ଷ୍ଟାଇପେଣ୍ଡ, ତାଲିମ ଶିକ୍ଷକଙ୍କ ଭତ୍ତା ଇତ୍ୟାଦି ଓ ଅନ୍ୟାନ୍ୟ ପ୍ରଶାସନିକ ଖର୍ଚ୍ଚ ଭାରତ ସରକାର ଶହ ପ୍ରତିଶତ ଅଗ୍ରିମ ଆଧାରରେ ଦେଇଥାଆନ୍ତି କିନ୍ତୁ ନୂତନ ତନ୍ତ କ୍ରୟ, ଆସବାବପତ୍ର କ୍ରୟ, ପାଣି ଓ ଲାଇଟ୍ ବିଲ୍, ସାମ୍ପୁଲ୍ ଡିଜାଇନ୍ ଇତ୍ୟାଦି ବାବଦକୁ ଖର୍ଚ୍ଚର ୭୫ ଶତକଡା ଦେଇଥାଆନ୍ତି । ଅବଶିଷ୍ଟ ୨୫ ପ୍ରତିଶତ ଅଂଶ ଖର୍ଚ୍ଚର ପୂର୍ଣ୍ଣ ବିବରଣୀ ଓ ଉପଯୋଗିତା ପ୍ରମାଣପତ୍ର ଦାଖଲ କରିବାପରେ ମିଳିଥାଏ।

**ମନ୍ତବ୍ୟ :** କ୍ଲଷ୍ଟର ଯୋଜନା ବାହାରେ ଥିବା ବୁଣାକାରଙ୍କ ପାଇଁ ଗୋଷ୍ଠି ଉନ୍ନୟନ ଯୋଜନାର ପ୍ରସ୍ତାବ ହସ୍ତତନ୍ତ ଉନ୍ନ କମିଶନରଙ୍କୁ ଏକ ନିର୍ଦ୍ଧିଷ୍ଟ ପ୍ରୋଫର୍ମା ଆନେକ୍ସର ଖ-୧, ଖ-୨, ଖ-୨(୧) ଓ ଖ-୨(୩)ରେ ଦିଆଯାଇଛି ଯାହାକି ରାଜ୍ୟ ସରାକାରଙ୍କ ମାଧମରେ ଓ ରାଜ୍ୟ ପରିଯୋଜନା କମିଟି ମାଧମରେ ଦେବା ଦରକାର ।

# ଅଂଶ - ଗ

**ଗ) ହସ୍ତତନ୍ତ ସଂସ୍ଥାମାନଙ୍କୁ ଆର୍ଥିକ ସାହାଯ୍ୟ :**

**ଗ-୧ : ବଜାରିକରଣ ପ୍ରୋତ୍ସାହନ :** ବଜାର ଚାହିଦା ଅନୁସାରେ ହସ୍ତତନ୍ତ ବସ୍ତ୍ରର ବିକ୍ରିବଟା ପାଇଁ ବିଭିନ୍ନ ହସ୍ତତନ୍ତ ସଂସ୍ଥାମାନଙ୍କୁ ଏହି ସାହାଯ୍ୟ ଦିଆଯାଇଥାଏ । ହସ୍ତତନ୍ତ କ୍ଷେତ୍ରରେ ବଜାରର ଚାହିଦା ମୁତାବକ ଦ୍ରବ୍ୟ ତିଆରି କରିବା ଓ ପ୍ରତିଦ୍ୱନ୍ଦିତା ମୂଳକ ପରିବେଶରେ କିପରି ମୂଲ୍ୟର କୌଣସି ଅଧିକ ବୃଦ୍ଧି ହେବନାହିଁ ଦ୍ରବ୍ୟର ଏବଂ ହସ୍ତତନ୍ତ କ୍ଷେତ୍ରରେ ବିଭିନ୍ନ ମୌଳିକ ସୁବିଧା ଯୋଗାଇ ଦେବା ସହିତ ଓ ତନ୍ତପିଛା ଉତ୍ପାଦନ ବଢାଇବାପାଇଁ ଏହି ସାହାଯ୍ୟ ଦିଆଯାଇଥାଏ । ହସ୍ତତନ୍ତ ବସ୍ତ୍ର ଉପଭୋକ୍ତାଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ଯାହାଦ୍ୱାରା ଏ ସାହାଯ୍ୟ ମାଧମରେ ହସ୍ତତନ୍ତ ବସ୍ତ୍ରର ବିକ୍ରିବୃଦ୍ଧି କରାଯାଏ। ଏ ସହାୟତା ବୁଣାକାର ସମିତି, ଶୀର୍ଷ  ସମିତି, ରାଜ୍ୟ ହସ୍ତତନ୍ତ ନିଗମ ଏବଂ ଜାତୀୟ ହସ୍ତତନ୍ତ ସଂସ୍ଥା ମାନ ପାଇ ପାରିବେ।

| ବିବରଣୀ | ଆର୍ଥିକ ସାହାର୍ଯ୍ୟ ପ୍ରତି ବୁଣାକାର ପାଇଁ (ଲକ୍ଷରେ | ଭାରତ ସରକାର : ରାଜ୍ୟସରକାର ଭାଗିଦାରୀ |
|---|---|---|
| ହସ୍ତତନ୍ତ ସଂସ୍ଥା ଗୁଡିକର ଦୃଢିକରଣ ହସ୍ତତନ୍ତ ନିଗମ, ଶୀର୍ଷ ତନ୍ତୁବାୟ ସମିତି, ଜାତୀୟ ହସ୍ତତନ୍ତ ସଂସ୍ଥା ଆଦିକୁ ମାର୍କେଟିଙ୍ଗ ସହାୟତା | ଶେଷ ୩ ବର୍ଷର ହାରାହାରି ବିକ୍ରୟ ମୂଲ୍ୟର ୧୦ ପ୍ରତିଶତ | ୫୦ : ୫୦ (ଜାତୀୟ ସ୍ତରୀୟ ହସ୍ତତନ୍ତ ସଂସ୍ଥା/ସମିତି ବ୍ୟତୀତ ଯେଉଁଠାରେ କେନ୍ଦ୍ର ସରକାର ପୂର୍ଣ୍ଣ ଅଂଶ ଯୋଗାଇଥାନ୍ତି) |

ବଜାରୀକରଣ ପ୍ରୋତ୍ସାହନ ରାଶି ପାଇବା ଯୋଗ୍ୟ ହସ୍ତତନ୍ତ ସଂସ୍ଥାମାନ ପ୍ରୋଫୋର୍ମା ଗ.୧ ଅନୁସାରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇବେ। ରାଜ୍ୟ ସରକାର ଅଲଗା ଅଲଗା ପ୍ରତ୍ୟେକ ଦାବୀ ସହିତ ଏକ ସଂପୂର୍ଣ୍ଣ ବିବରଣୀ ଏବଂ ତତ୍ସହିତ ନଥି (ଗ)ରେ ଥିବା ପ୍ରମାଣପତ୍ର ସହ ପ୍ରସ୍ତାବ ଦାଖଲ କରିବେ। ରାଜ୍ୟ ସ୍ତରୀୟ ହସ୍ତତନ୍ତ ସଂସ୍ଥାମାନଙ୍କୁ ଏ ବାବଦ ସହାୟତା ରାଜ୍ୟ ସରକାର ମାଧମରେ ଦିଆଯିବ ଓ ଜାତୀୟସ୍ତରୀୟ ହସ୍ତତନ୍ତ ସଂସ୍ଥାମାନଙ୍କୁ ସିଧାସଳଖ ଦିଆଯିବ।

**ମନ୍ତବ୍ୟ :**

୧. ଏ ଯୋଜନାରେ ଆର୍ଥିକ ସହାୟତା ପାଇଁ ପ୍ରାଥମିକ ବୁଣାକାର ସମିତି/ସ୍ୱୟଂ ସହାୟକ ସଂସ୍ଥାମାନେ ରାଜ୍ୟ ଶୀର୍ଷ ସମବାୟ ସମିତି/ଫେଡ଼େରେସନ କିମ୍ୱା ନିଗମକୁ ବିକ୍ରି କରିଥିବା ବସ୍ତ୍ର ମୂଲ୍ୟକୁ ବାଦଦେଇ ଏ ଯୋଜନାର ପ୍ରସ୍ତାବ ଚିଠା ପ୍ରସ୍ତୁତ କରିବେ। ପ୍ରକାରାନ୍ତରେ ଶୀର୍ଷ ସମବାୟ ସମିତି କିମ୍ୱା ନିଗମକୁ ପ୍ରାଥମିକ ବୁଣାକାର ବିକାଯାଇଥିବା ବସ୍ତ୍ର ଉପରେ ବଜାରୀକରଣ ପ୍ରୋତ୍ସାହନ ଦିଆଯାଏ ନାହିଁ କାରଣ ଏ ସଂସ୍ଥାମାନେ ଏ ବାବଦରେ ଅର୍ଥ ପାଇଥାନ୍ତି।

୨. ଏ ବାବଦରେ ସହାୟତା ପାଇଁ ଚିଠା ପ୍ରସ୍ତୁତ ବେଳେ ହସ୍ତତନ୍ତ ସଂସ୍ଥାମାନେ ସରକାରୀ ବିଭାଗକୁ ଦିଆଯାଇଥିବା ବସ୍ତ୍ରର ମୂଲ୍ୟକୁ ଏଥି ନିମନ୍ତେ ହିସାବକୁ ନେବେନାହିଁ।

୩. କୌଣସି ହସ୍ତତନ୍ତ ସଂସ୍ଥା ଅନ୍ୟ ଏକ ହସ୍ତତନ୍ତ ସଂସ୍ଥାକୁ କିମ୍ବା ଏହାର ବିପରୀତ କ୍ଷେତ୍ରରେ ବିକା ଯାଇଥିବା ବସ୍ତ୍ର ମୂଲ୍ୟକୁ ବାଦଦେଇ ବଜାରୀକରଣ ଚିଠା ପ୍ରସ୍ତୁତ କରିବେ ।

୪. ହସ୍ତତନ୍ତ୍ର ବସ୍ତ୍ର ବିନିମୟ ପ୍ରଣାଳୀର ମୂଲ୍ୟକୁ ଏ ବାବଦରେ ପ୍ରୋତ୍ସାହନରୁ ବାଦ ଦିଆଯାଏ ।

୫. ରାଜ୍ୟ ସରକାର ଚିଠା ପ୍ରସ୍ତୁତ ବେଳେ ଏକ ପ୍ରମାଣପତ୍ର ଦେବେ ଯେ କ୍ରମିକ ସଂଖ୍ୟା ୧ ରୁ ୪ ପର୍ଯ୍ୟନ୍ତ ବିଚାରକୁ ନିଆଯାଇ ବଜାରୀକରଣ ପ୍ରୋତ୍ସାହନ ସହାୟତା ଯୋଜନାର ଅଟକଳ କରାଯାଇଛି । ଆହୁରି ମଧ ହସ୍ତତନ୍ତ୍ର ଉନ୍ନୟନ କମିଶନଙ୍କ ଠାରୁ ଅନ୍ୟ କୌଣସି ଯୋଜନାର ଏବାବଦରେ ସାହାଯ୍ୟ ପାଇନାହାନ୍ତି । ଏ ପ୍ରମାଣପତ୍ର ମଧ ଦେବାକୁ ହେବ ।

୬. ରାଜ୍ୟ ସରକାର ଏ ପ୍ରମାଣପତ୍ର ମଧ ଦେବେ ଯେ ବର୍ତ୍ତମାନ କରାଯାଉଥିବା ଦାବୀ ସଂପୂର୍ଣ୍ଣ ଅଟେ ଏବଂ ପରେ ଅନ୍ୟ କୌଣସି ସଂସ୍ଥାର ସେହି ବର୍ଷ ଦାବୀ ଭବିଷ୍ୟତରେ କରାଯାଇ ପାରିବ ନାହିଁ ।

**ଘ. ହସ୍ତତନ୍ତ୍ର ସଂସ୍ଥାମାନଙ୍କର ସଶକ୍ତୀକରଣ :**

ରଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ସଂସ୍ଥାମାନଙ୍କୁ ଋଣ ବୃଦ୍ଧି ପରିମାଣ ଓ କାର୍ଯ୍ୟକାରୀ ପୁଞ୍ଜି ବଢ଼ାଇବା ପାଇଁ ଏ ଯୋଜନା ମାଧମରେ ଆର୍ଥିକ ପୁର୍ନଗଠନ କରାଯାଇଥାଏ ।

| ବିବରଣୀ | ଆର୍ଥିକ ସାହାର୍ଯ୍ୟ ପ୍ରତି ବୁଣାକାର ପାଇଁ (ଲକ୍ଷରେ | ଭାରତ ସରକାର : ରାଜ୍ୟସରକାର ଭାଗିଦାରୀ |
|---|---|---|
| ହସ୍ତତନ୍ତ ନିଗମ, ଶୀର୍ଷ ତନ୍ତୁବାୟ ସମିତି, ଜାତୀୟ ହସ୍ତତନ୍ତ ସଂସ୍ଥାର ସଶକ୍ତିକରଣ | ପ୍ରସ୍ତାବ ଅନୁଯାୟୀ | ୫୦:୫୦ |

**ଟିପ୍ପଣୀ :** ଏହି ପ୍ରକାର ଆର୍ଥିକ ସାହାଯ୍ୟ କେବଳ ଜାତୀୟ ଓ ରାଜ୍ୟ ସ୍ତରୀୟ ହସ୍ତତନ୍ତ ସଂସ୍ଥାମାନଙ୍କପାଇଁ ପ୍ରଯୁର୍ଯ୍ୟ, ଏହା ସମନ୍ବିତ ହସ୍ତତନ୍ତ ଉନ୍ନୟନ ଯୋଜନା ବା କ୍ଲଷ୍ଟର ନିମନ୍ତେ ଉଦ୍ଦିଷ୍ଟ ନୁହେଁ ।

ଏହି ଯୋଜନା ମଧରେ ବାର୍ଷିକ ସାହାଯ୍ୟ ହସ୍ତତନ୍ତ ସଂସ୍ଥା ମାନଙ୍କର ସୁଦୃଢ଼ତା ପାଇଁ ଦିଆଯାଇଥାଏ । କିନ୍ତୁ ଏହା କେବଳ ପ୍ରଣୟନକାରୀ ସଂସ୍ଥା କୁ ରାଜ୍ୟ ସରକାର ମାଧମରେ ଦିଆଯାଇଥାଏ । ଏହି ଯୋଜନା ମଧରେ ଆର୍ଥିକ ସାହାର୍ଯ୍ୟ ପାଇବା ପାଇଁ ହେଲେ ପ୍ରଥମେ ସେହି ସଂସ୍ଥା ନିଜର ଦକ୍ଷତା, ବ୍ୟବସାୟର ଶୈଳୀ ଏବଂ ମାନବ ସମ୍ବଳର ଯଥାର୍ଥତା ଇତ୍ୟାଦିକୁ ସୁଧାରିବାକୁ ପଡିବ । ଏହି ସବୁ ସୁଧାରିବା ପରେ ବ୍ୟାଙ୍କରୁ ଆର୍ଥିକ ସାହାଯ୍ୟ ପାଇଁ ବ୍ୟାଙ୍କ ସ୍ୱୀକୃତି ଏବଂ ରାଜ୍ୟସ୍ତରୀୟ ପରିଯୋଜନା କମିଟିର ସ୍ୱିକୃତି ପ୍ରାପ୍ତ କରାଇବା ଦରକାର । ଏହି ପରିଯୋଜନାଟି କୌଣସି ନିରପେକ୍ଷ ପ୍ରବନ୍ଧ ସଂଚାଳକ ପରାମର୍ଶଦାତା ସଂସ୍ଥା ଦ୍ୱାରା କରାଇବା ଦରକାର ଯେଉଁମାନେ ହସ୍ତତନ୍ତ ଉନ୍ନୟନ କମିଶନରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବେ । ସଂପୃକ୍ତ ବ୍ୟାଙ୍କ / ଅର୍ଥଲଗାଣକାରୀ ସଂସ୍ଥାମାନେ ଏହି ପରିଯୋଜନା ଅନୁମୋଦନ ପାଇଁ ଦରକାର ଥିବା ଅର୍ଥରାଶି ନିୟମ ଅନୁସାରେ ଦିଆଯାଇ ସେହି ସଂସ୍ଥାମାଧମରେ କାମକରୁଥିବା ତନ୍ତୁବାୟ ସମିତି ଓ ବ୍ୟକ୍ତିଗତ ବୁଣାକାରମାନଙ୍କର ବଜାର ଜନିତ ସୁବିଧା ସୁଯୋଗ ଅଛିକି ନାହିଁ ଏସବୁ ଅନୁଧାନ କରି ଏହାକୁ ଅନୁମୋଦନ କରିବେ ।

